G20 भारत 2023 INDIA

# ଜି-20 - ଏକ ପ୍ରାଇମର

## ଜି20 ୟୁନିଭର୍ସିଟି କନେକ୍ଟ ପାଇଁ ପ୍ରସ୍ତୁତ କରାଯାଇଥିବା ଏକ ପୃଷ୍ଠଭୂମି ଦସ୍ତାବିଜ



वसुधैव कुटुम्बकम् | ONE EARTH • ONE FAMILY • ONE FUTURE

## ପ୍ରାପ୍ତିସ୍ୱୀକାର

'ଜି-20- ଏକ ପ୍ରାଇମର'କୁ ବିକାଶଶୀଳ ଦେଶ ପାଇଁ ଗବେଷଣା ଏବଂ ସୂଚନା ପ୍ରଣାଳୀ (ଆରଆଇଏସ)ର ମହାନିର୍ଦ୍ଦେଶକ ପ୍ରଫେସର ସଚିନ ଚତୁର୍ବେଦୀଙ୍କ ସାମଗ୍ରିକ ମାର୍ଗଦର୍ଶନ ଅଧୀନରେ ପ୍ରସ୍ତୁତ କରାଯାଇଛି। ନୂଆଦିଲ୍ଲୀର ଟିଜିଆଇଆଇ ମିଡିଆ ପ୍ରାଇଭେଟ୍ ଲିମିଟେଡର ଶ୍ରୀ ମନୀଷ ଚାନ୍ଦ ଏବଂ ସହାୟକ ପ୍ରାଧ୍ୟାପକ ଡକ୍ଟର ପ୍ରିୟଦର୍ଶୀ ଦାଶ, ସଦସ୍ୟ ଡକ୍ଟର ଦୁର୍ଗେଶ ରାୟ; ଉପଦେଷ୍ଟା ଡକ୍ଟର ରାହୁଲ ରଞ୍ଜନ ଏବଂ ଉପଦେଷ୍ଟା ଡକ୍ଟର ସୟନ୍ତନ ଘୋଷାଲଙ୍କୁ ନେଇ ଗଠିତ ଆରଆଇଏସ ସହଯୋଗୀମାନେ ଏହି ଦସ୍ତାବିଜ ପାଇଁ ବିଷୟବସ୍ତୁ ପ୍ରଦାନ କରିଛନ୍ତି।

ମାର୍ଗଦର୍ଶନ ଓ ସହାୟତା ପାଇଁ ଆମେ ଜି20 ଶେରପା ଶ୍ରୀ ଅମିତାଭ କାନ୍ତ, ମୁଖ୍ୟ ସଂଯୋଜକ (ଜି20) ଶ୍ରୀ ହର୍ଷ ବର୍ଦ୍ଧନ ଶ୍ରୀଙ୍ଗଲା, ଓଏସଡି (ଜି20)ଶ୍ରୀ ମୁକ୍ତେଶ ପରଦେଶୀ, ଅତିରିକ୍ତ ସଚିବ ତଥା ସୁ-ଶେରପା(ଜି20) ଶ୍ରୀ ଅଭୟ ଠାକୁର ଏବଂ ଯୁଗ୍ମ ସଚିବ (ନୀତି ଯୋଜନା ଓ ଗବେଷଣା) ଡକ୍ଟର ସୁମୀତ ସେଠ, ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛୁ।

ପ୍ରକାଶନୀ ଅଧିକାରୀ ଶ୍ରୀ ତିଶ ମାଲହୋତ୍ରା ଏବଂ ପ୍ରକାଶନୀ ସହାୟକ ଶ୍ରୀ ସଚିନ ସିଂଘଲଙ୍କୁ ନେଇ ଗଠିତ ଆରଆଇଏସର ପ୍ରକାଶନୀ ଦଳ ଦ୍ୱାରା ରିପୋର୍ଟର ପ୍ରଯୋଜନା ସମ୍ପାଦନ କରାଯାଇଥିଲା।


କପିରାଇଟ୍ © ଆରଆଇଏସ, 2022

2022ରେ ଆରଆଇଏସ ଦ୍ୱାରା ପ୍ରକାଶିତ

# ଜି20 ଭାରତ

## ଆଶା, ସଭାବନା ଓ ଶାନ୍ତି

ଆଶା, ସଭାବ, ଶାନ୍ତି ଓ ସ୍ଥିରତା - ଏହିସବୁ ପରିଭାଷିତ ସିଦ୍ଧାନ୍ତ ଦୁନିଆର ସବୁଠୁ ଉନ୍ନତ ଓ ପ୍ରଗତିଶୀଳ ଅର୍ଥବ୍ୟବସ୍ଥାର ସମୂହ ଜି20 ଭାରତର ଅଧ୍ୟକ୍ଷତାକୁ ସାକାର ରୂପ ଦେବ । ଜି20 ବିଶ୍ୱର ପଞ୍ଚମ ସର୍ବବୃହତ ଅର୍ଥବ୍ୟବସ୍ଥା ଭାରତକୁ ବର୍ଦ୍ଧିତ ଧ୍ରୁବୀକରଣ ଓ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଇବା ସମୟରେ ବିଶ୍ୱସ୍ତରୀୟ ଚିନ୍ତାଧାରାକୁ ଆକାର ଦେବା ଲାଗି ଏକ ସୁଯୋଗ ପ୍ରଦାନ କରିଥାଏ, ଯାହାଫଳରେ ବିଭାଜିତ ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସହଭାଗୀ ସମୃଦ୍ଧିକୁ ଆଗକୁ ନିଆଯାଇପାରିବ।

### ସମାବେଶୀ ଓ କାର୍ଯ୍ୟଉନ୍ମୁଖୀ

16 ନଭେମ୍ବର 2022ରେ ବାଲିର ଇଣ୍ଡୋନେସୀୟ ଦ୍ୱୀପ ରିସୋର୍ଟରେ ଜି20 ଶିଖର ସମ୍ମିଳନୀର ଉଦଯାପନୀ ସମାରୋହରେ ଇଣ୍ଡୋନେସିଆର ରାଷ୍ଟ୍ରପତି ଜୋକୋ ୱିଡୋଡୋଙ୍କ ଦ୍ୱାରା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଏକ ଗାଭେଲ୍ ପ୍ରଦାନ କରି ପ୍ରତୀକାତ୍ମକ ଭାବେ ଜି20 ଅଧ୍ୟକ୍ଷତା ଦାୟିତ୍ୱ ଅର୍ପଣ କରିଥିଲେ। ଭାରତ 1 ଡିସେମ୍ବର 2022ରେ ବିଧିବଦ୍ଧ ଭାବେ ଏକ ବର୍ଷେବ୍ୟାପୀ ଚାଲିବାକୁ ଥିବା ଜି20 ଅଧ୍ୟକ୍ଷତା ଗ୍ରହଣ କରିଥିଲା ଯାହାକି 30 ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ଜାରି ରହିବ । ବାଲି ଠାରେ ପ୍ରଧାନମନ୍ତ୍ରୀ ମୋଦୀ ସାରା ବିଶ୍ୱକୁ ଏହି ପ୍ରତିଶ୍ରୁତି ଦେଇଥିଲେ ଯେ ଭାରତର ଜି20 ଅଧ୍ୟକ୍ଷତା "ସମାବେଶୀ, ମହତ୍ୱାକାଂକ୍ଷୀ, ନିର୍ଣ୍ଣାୟକ ଓ କାର୍ଯ୍ୟଉନ୍ମୁଖି" ହେବ। ଭାରତ ଅଧ୍ୟକ୍ଷତା କରିବାର ପ୍ରମୁଖ ବିଷୟବସ୍ତୁ ଓ ପ୍ରାଥମିକତା ଉପରେ ଆଲୋକପାତ କରି, ପ୍ରଧାନମନ୍ତ୍ରୀ ମୋଦୀ ଏହା ଦର୍ଶାଇଥିଲେ ଯେ ଜି20କୁ ଶାନ୍ତି ଓ ସଭାବ ସପକ୍ଷରେ ଏକ ଦୃଢ଼ ବାର୍ତ୍ତା ଦେବାକୁ ହେବ ଏବଂ ସେ ଏହା ଉପରେ ଜୋର ଦେଇଥିଲେ ଯେ ଶାନ୍ତି ଓ ସୁରକ୍ଷା ବିନା, "ଭବିଷ୍ୟତ ପିଢ଼ି ଆର୍ଥିକ ବିକାଶ କିମ୍ବା ପ୍ରଯୁକ୍ତିଗତ ଉଦ୍ଭାବନର ଲାଭ ଉଠାଇପାରିବ ନାହିଁ।"

## ଜି20 ଲୋଗୋ : ପ୍ରସ୍ଫୁଟିତ ପାଖୁଡ଼ା, ସାତଟି ପାଖୁଡ଼ା

ଭାରତର ଜି20 ଅଧ୍ୟକ୍ଷତାର ବିଷୟବସ୍ତୁ "ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ" ଉପରେ ଆଧାରିତ ଏବଂ ଏହି ବାର୍ତ୍ତା ଆମର ପ୍ରାଚୀନ ସାଂସ୍କୃତିକ ମୂଲ୍ୟବୋଧ "ବସୁଧୈବ କୁଟୁମ୍ବକମ"ରେ ସନ୍ନିହୀତ ହୋଇ ରହିଛି। ଲୋଗୋରେ ରହିଛି ପ୍ରସ୍ଫୁଟିତ ପଦ୍ମ ଏବଂ ଏହାର ସାତଟି ପାଖୁଡ଼ା ଉପରେ ଘୁରୁଥିବା ପୃଥିବୀ, ଯାହାକି ସମ୍ପୂର୍ଣ୍ଣ ଜୀବଜଗତ - ମାନବ, ପଶୁ, ଉଭିଦ ଓ ସୂକ୍ଷ୍ମ ଜୀବ- ଏବଂ ପୃଥିବୀ ଗ୍ରହ ତଥା ବ୍ୟାପକ ବ୍ରହ୍ମାଣ୍ଡ ସହିତ ସେମାନଙ୍କର ପାରସ୍ପରିକ ସମ୍ପର୍କକୁ ପ୍ରତିପାଦିତ କରିଥାଏ। ନଭେମ୍ବର 8 ତାରିଖ 2022ରେ ଲୋଗୋକୁ ଉନ୍ମୋଚନ କରି ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ, "ଜି20 ଲୋଗୋରେ ପଦ୍ମର ପ୍ରତୀକ ବର୍ତ୍ତମାନ ସମୟରେ ଆଶାକୁ ପ୍ରତିନିଧିତ୍ୱ କରିଥାଏ।" "ପଦ୍ମର ସାତଟି ପାଖୁଡ଼ା ବିଶ୍ୱର ସାତଟି ମହାଦେଶ ଏବଂ ସଙ୍ଗୀତର ସାତଟି ସ୍ୱରକୁ ପ୍ରତିନିଧିତ୍ୱ କରିଥାଏ। ଜି20 ସଦ୍ଭାବନା ସହିତ ସାରା ବିଶ୍ୱକୁ ଏକଜୁଟ କରିବ। ଏହି ଲୋଗୋରେ, ପଦ୍ମ ଫୁଲ ଭାରତର ପୌରାଣିକ ଐତିହ୍ୟ, ଆମ ବିଶ୍ୱାସ, ଆମ ବୁଦ୍ଧିମତାକୁ ପ୍ରତିନିଧିତ୍ୱ କରୁଅଛି," ଲୋଗୋ ଉନ୍ମୋଚନ ଅବସରରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ।

ଭାରତ ପାଇଁ, ଜି20 ଅଧ୍ୟକ୍ଷତା "ଅମୃତକାଳ"ର ଶୁଭାରମ୍ଭର ମଧ୍ୟ ଏକ ପ୍ରତୀକ ଅଟେ । 15 ଅଗଷ୍ଟ 2022ରେ ସ୍ୱାଧୀନତାର 75ତମ ବର୍ଷ ପୂର୍ତ୍ତିଠାରୁ ସ୍ୱାଧୀନତାର ଶତବାର୍ଷିକୀ ପର୍ଯ୍ୟନ୍ତ 25 ବର୍ଷର ସମୟ ଅବଧି ବା ଅମୃତକାଳରେ ଏକ ଭବିଷ୍ୟବାଦୀ, ସମୃଦ୍ଧ, ସମାବେଶୀ ଏବଂ ବିକଶିତ ସମାଜ ଗଠନ ଲାଗି ଭାରତ ପ୍ରୟାସ କରୁଛି ଯାହାର ମୂଳରେ ରହିଛି ଏକ ମାନବ-କୈନ୍ଦ୍ରିକ ଦୃଷ୍ଟିକୋଣ।

## ପ୍ରମୁଖ ପ୍ରାଥମିକତା

ଖାଦ୍ୟ ଓ ଇନ୍ଧନ ସୁରକ୍ଷା ଭଳି ବହୁମୁଖି ସଂକଟରେ ତ୍ରସ୍ତ ବିଶ୍ୱରେ ଭୂ-ରାଜନୈତିକ ଉତ୍ତେଜନା ବୃଦ୍ଧି ପାଉଥିବା ସମୟରେ ଭାରତ ନିଜର ଜି20 ଅଧ୍ୟକ୍ଷତାକୁ ବିଶ୍ୱସ୍ତରୀୟ ପରିବର୍ତ୍ତନ ଓ ରୂପାନ୍ତରଣର ଏକ ଉତପ୍ରେରକ ଭାବେ ଦେଖିଥାଏ। ସମଗ୍ର ବିଶ୍ୱ ଯେତେବେଳେ ସଂଘର୍ଷ ମଧ୍ୟରେ ଫସି ରହିଛି, ସାଧାରଣ ଜନତାଙ୍କ ଜୀବନ ବିପଦରେ ପଡ଼ିଯାଇଛି, ସେହିପରି ଏକ ସମୟରେ ଭାରତ ବୈଶ୍ୱିକ ଅଭିବୃଦ୍ଧିର ପୁନରୁଦ୍ଧାର, ସୁଦୃଢ଼ ଜଳବାୟୁ କାର୍ଯ୍ୟାନୁଷ୍ଠାନ ଏବଂ ଦୃଢ଼ ସ୍ୱାସ୍ଥ୍ୟ ଢାଞ୍ଚା ଭଳି ବିଭିନ୍ନ ଆହ୍ୱାନର ମୁକାବିଲା କରିବା ପାଇଁ ସୃଜନଶୀଳ ଏବଂ ସର୍ବସମ୍ମତି ଆଧାରିତ ସମାଧାନ ପ୍ରସ୍ତୁତ କରିବା ଲାଗି ନିଜର ଜି20 ଅଧ୍ୟକ୍ଷତାକୁ ଉପଯୋଗ କରିବ। ମହାମାରୀ ଯୋଗୁ ଲକ୍ଷ ଲକ୍ଷ ଲୋକ ଦାରିଦ୍ର୍ୟ ମଧ୍ୟକୁ ଠେଲି ହୋଇଯାଇଥିବାରୁ ଖାଦ୍ୟ ଓ ପୋଷଣ ସୁରକ୍ଷାକୁ ପ୍ରୋତ୍ସାହନ ଦେବା ଏକ ପ୍ରମୁଖ ପ୍ରାଥମିକତା ହେବ । ଆସନ୍ତା କିଛି ମାସ ମଧ୍ୟରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟକୁ ଗତିଶୀଳ କରିବା ଏବଂ ଲାଇଫ (ପରିବେଶ ପାଇଁ ଜୀବନ) ବିଶ୍ୱକୁ ଏକ ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ ଜୀବନଶୈଳୀ ଦିଗରେ ବିଶ୍ୱକୁ ଆଗେଇ ନେବା ହେବ ଅନ୍ୟ ପ୍ରାଥମିକତାଗୁଡ଼ିକ ମଧ୍ୟରୁ ଅନ୍ୟତମ। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ଏହାର ଦୃଢ଼ ସାମର୍ଥ୍ୟ ରହିଥିବାରୁ, ଭାରତ ଡିଜିଟାଲ ଭିତ୍ତିଭୂମିକୁ ସମାବେଶ କରିବା ପ୍ରତି ଧ୍ୟାନ ଦେଉଛି ଯାହାଫଳରେ ଏହା ସାମାଜିକ-


ଆର୍ଥିକ ପରିବର୍ତ୍ତନର ଉତପ୍ରେରକ ସାଜିପାରିବ। ସମାବେଶୀ ଅଭିବୃଦ୍ଧି ଓ ଆର୍ଥିକ ଅନ୍ତର୍ଭୂକ୍ତିକରଣକୁ ପ୍ରୋତ୍ସାହନ ଦେବା ହେବ ପ୍ରମୁଖ ପ୍ରାଥମିକତା।

ଧ୍ରୁବୀକରଣର ସଂଘର୍ଷ ଏବଂ ବୈଶ୍ୱିକ ସଂସ୍ଥାନଗୁଡ଼ିକର ଗୁରୁତ୍ୱ ହ୍ରାସ ପାଇବା କାରଣରୁ ବିଶ୍ୱର ସକଳ ଘରୋଇ ଉତ୍ପାଦର 85%, ଅନ୍ତର୍ଜାତୀୟ ବାଣିଜ୍ୟର 75% ଏବଂ ବିଶ୍ୱ ଜନସଂଖ୍ୟାର ଦୁଇ ତୃତୀୟାଂଶକୁ ପ୍ରତିନିଧିତ୍ୱ କରୁଥିବା ଜି20 ପୂର୍ବାପେକ୍ଷା ଆହୁରି ଅଧିକ ମହତ୍ୱପୂର୍ଣ୍ଣ ହୋଇପଡ଼ିଛି। ଭାରତର ଅଧ୍ୟକ୍ଷତାରେ, ଭାରତ ବୈଶ୍ୱିକ ଆର୍ଥିକ ଓ ବିତ୍ତୀୟ ପ୍ରସଙ୍ଗରେ ସହଯୋଗ ଲାଗି ପ୍ରମୁଖ ବିଶ୍ୱସ୍ତରୀୟ ମଞ୍ଚ ଭାବେ ଜି20ର ପ୍ରତିଷ୍ଠା ଓ ପ୍ରଭୁତ୍ୱକୁ ମଜବୁତ କରିବା ଲାଗି ଚେଷ୍ଟା କରିବ। ସର୍ବୋପରି, 2008 ଆର୍ଥିକ ମାନ୍ଦାବସ୍ଥା ସମୟରେ ବିକଶିତ ଓ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକୁ ନେଇ ବିଶ୍ୱସ୍ତରରେ ଏକ ନୂଆ ପ୍ରତିନିଧି ଆଧାରିତ ବହୁପକ୍ଷୀୟ ରାଷ୍ଟ୍ରଗୋଷ୍ଠୀ ଗଠନ କରିବାର ଆବଶ୍ୟକତା କାରଣରୁ ଜି20ର ଗଠନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ମୋଦୀ ଆଲୋକପାତ କରି କହିଛନ୍ତି ଯେ ସାରା ବିଶ୍ୱ ଆଜି 'ଜି20କୁ ଆଶା ନେଇ' ଦେଖୁଛି।

## ଅତୁଲ୍ୟ ଭାରତ

ଅଧିକନ୍ତୁ, ଜି20 'ଗଣତନ୍ତ୍ରର ଜନନୀ' ଭାରତ ପାଇଁ ନିଜର ସମୃଦ୍ଧି ଓ ବିଭିନ୍ନ କ୍ଷେତ୍ରରେ ହାସଲ କରିଥିବା ଉତ୍କୃଷ୍ଟ ସଫଳତାକୁ ପ୍ରଦର୍ଶିତ କରିବାର ଏକ ସୁଯୋଗ ଆଣି ଦେଇଛି। ଆର୍ଥିକ ପ୍ରଗତି ଠାରୁ ଆରମ୍ଭ କରି ବିଜ୍ଞାନ ଓ ପ୍ରଯୁକ୍ତି, ମହାକାଶ, ନବସୃଜନ ଏବଂ ଷ୍ଟାର୍ଟଅପ୍ ପ୍ରତ୍ୟେକ କ୍ଷେତ୍ରରେ ଭାରତ ଆଜି ସଫଳତାର ଶୀର୍ଷ ଛୁଇଁଛି। ଭାରତର 56ଟି ଭିନ୍ନ ଭିନ୍ନ ସ୍ଥାନରେ ଭାରତ 200ରୁ ଅଧିକ ଜି20 ସଂକ୍ରାନ୍ତ ବୈଠକ ଆୟୋଜନ କରିବ, ବିଭିନ୍ନ ଦେଶର ପ୍ରତିନିଧିମାନେ ଏହି ଜୀବନ୍ତ ତଥା ବିବିଧତାପୂର୍ଣ୍ଣ ଦେଶକୁ ଦେଖିବାର ସୁଯୋଗ ପାଇବେ। ଅଧିକାଂଶ ବିଦେଶାଗତଙ୍କ ପାଇଁ ଜି20 କାର୍ଯ୍ୟକ୍ରମ ଭାରତକୁ ପ୍ରଥମ ଗସ୍ତ ଓ ଅନୁଭୂତି ହେବ, ତେଣୁ ସବୁ ଭାରତୀୟ ସାରା ବିଶ୍ୱକୁ ସ୍ୱାଗତ କରିବା ଏବଂ ସେମାନଙ୍କୁ ଗୋଟିଏ ପରିବାର ଭାବେ ଆତିଥେୟ ପ୍ରଦାନ କରିବା ଲାଗି ନିଜର ସର୍ବଶ୍ରେଷ୍ଠ ଯୋଗଦାନ ଦେବାର ଆବଶ୍ୟକତା ରହିଛି। 20ଟି ରାଷ୍ଟ୍ରକୁ ନେଇ ଗଠିତ ଏକ ସମୂହର ନେତୃତ୍ୱ ନେବା ସମୟରେ ଆସନ୍ତା 12 ମାସ ମଧ୍ୟରେ ଭାରତ କ'ଣ ହାସଲ କରିବାକୁ ଚାହୁଁଛି ସେ ବିଷୟରେ ଛାତ୍ରଛାତ୍ରୀ ଓ ଗବେଷକମାନଙ୍କୁ ପରିଚିତ କରାଇବା ଲାଗି ଏହି ପ୍ରାଇମରରେ ଭାରତର ଜି20 ଅଧ୍ୟକ୍ଷତା ଅଧୀନରେ ପ୍ରମୁଖ ବିଷୟବସ୍ତୁ ଉପରେ ସଂକ୍ଷିପ୍ତ ଭାବେ ଲିଖିତ ବ୍ୟାଖ୍ୟା ରହିଛି। ଆମେ ଆଶା କରୁଛୁ ଯେ ଭାରତ ଏକ ବୈଶ୍ୱିକ ପ୍ରଭାବକ ରୂପରେ ନିଜର ପ୍ରତିଷ୍ଠାକୁ ମଜବୁତ କରିବ ଏବଂ ଜି20 ପ୍ରକ୍ରିୟାରେ ନିଜର ଅଭୁଲା ଛାପ ଛାଡ଼ିଯିବ ଯାହାକି ଏକ ଅଧିକ ସମାବେଶୀ ଓ ନ୍ୟାୟସଙ୍ଗତ ବିଶ୍ୱ ନିର୍ମାଣ କରିବା ଲାଗି ଚେଷ୍ଟା କରିଥାଏ।

# ଊର୍ଜା ରୂପାନ୍ତରଣ:
# ସବୁଜ ବିଶ୍ୱ ନିର୍ମାଣ



ଭାରତର ବର୍ତ୍ତମାନର ଅକ୍ଷୟ ଶକ୍ତି ବିପ୍ଳବରେ କମ-ଅଙ୍ଗାର ଆଧାରିତ ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଇନ୍ଧନ ରୂପାନ୍ତରଣକୁ ପ୍ରୋତ୍ସାହନ ଦେବା ଏକ ପ୍ରମୁଖ ପ୍ରାଥମିକତା ଅଟେ ଏବଂ ଏହା ଭାରତର ଜି20 ଅଧ୍ୟକ୍ଷତା ଏଜେଣ୍ଡାରେ ପ୍ରମୁଖତା ସହିତ ସାମିଲ ହେବ । ନୂଆ ବେଞ୍ଚମାର୍କ ଏବଂ ଲକ୍ଷ୍ୟ ନିର୍ଦ୍ଧାରଣ କରି, ଭାରତ ପୂର୍ବରୁ ଘୋଷଣା କରି ସାରିଛି ଯେ ଏହାର ଅଧା ବିଦ୍ୟୁତଶକ୍ତି ଅକ୍ଷୟଶକ୍ତି ଉତ୍ସରୁ ଉତ୍ପନ୍ନ କରାଯିବ। ଭାରତ ପାଇଁ, ସମାବେଶୀ ଇନ୍ଧନ ରୂପାନ୍ତରଣ ଲାଗି ବିକାଶଶୀଳ ଦେଶକୁ ସମୟବଦ୍ଧ ଓ ଶସ୍ତା ଅର୍ଥଲଗାଣ ଓ ପ୍ରଯୁକ୍ତିର ନିରନ୍ତର ଯୋଗାଣ ଆବଶ୍ୟକ।

ପ୍ରଧାନମନ୍ତ୍ରୀ ମୋଦୀ ନଭେମ୍ବର 2021ରେ ଗ୍ଲାସଗୋ ଠାରେ କପ୍-26 (COP -26) ବୈଶ୍ୱିକ ଜଳବାୟୁ ଶିଖର ସମ୍ମିଳନୀରେ ସମାବେଶୀ ଇନ୍ଧନ ରୂପାନ୍ତରଣ ପାଇଁ ନିଜର ଦୃଷ୍ଟିକୋଣକୁ ବ୍ୟକ୍ତ କରିଥିଲେ, ଯେଉଁଥିରେ ସେ ବିଶ୍ୱକୁ "ପଞ୍ଚାମୃତ : (ପାଞ୍ଚଟି ଅମୃତ) ଅବଧାରଣା ସହିତ ପରିଚିତ କରାଇଥିଲେ। ଏହି ପାଞ୍ଚଟି ଦୂରଗାମୀ ଯୋଜନାରେ ସାମିଲ ରହିଛି :

- 2030 ସୁଦ୍ଧା ଭାରତ 500 ଗୀଗାୱାଟର ଅଣଜୀବାଶ୍ମ ଇନ୍ଧନ କ୍ଷମତା ହାସଲ କରିବ।
- 2030 ସୁଦ୍ଧା ଭାରତ ନିଜର 50% ଇନ୍ଧନ ଆବଶ୍ୟକତା ଅକ୍ଷୟ ଶକ୍ତି ଉତ୍ସରୁ ପୂରଣ କରିବ।
- ବର୍ତ୍ତମାନ ଠାରୁ 2030 ସୁଦ୍ଧା ଭାରତ ନିଜର ମୋଟ ଆନୁମାନିକ ଅଙ୍ଗାରକାମ୍ଳ ନିର୍ଗମନ ପରିମାଣକୁ ଏକ ବିଲିୟନ ଟନ୍ ପର୍ଯ୍ୟନ୍ତ ହ୍ରାସ କରିବ।
- 2030 ସୁଦ୍ଧା ଭାରତ ନିଜ ଅର୍ଥବ୍ୟବସ୍ଥାରେ ଅଙ୍ଗାରକାମ୍ଳର ତୀବ୍ରତାକୁ 45% ପର୍ଯ୍ୟନ୍ତ ହ୍ରାସ କରିବ ।
- 2070 ସୁଦ୍ଧା, ଭାରତ ଶୂନ୍ୟ ଅଙ୍ଗାରକାମ୍ଳ ଲକ୍ଷ୍ୟ ହାସଲ କରିବ। ଏସବୁ "ପଞ୍ଚାମୃତ" ଜଳବାୟୁ କାର୍ଯ୍ୟାନୁଷ୍ଠାନ ଦିଗରେ ଭାରତର ଏକ ଅଭୂତପୂର୍ବ ଯୋଗଦାନ ହେବ।

"ପଞ୍ଚାମୃତ"ର ଅବଧାରଣା 2022-2023 ପାଇଁ ଜି20 ନେତୃତ୍ୱ ଅଧୀନରେ ଊର୍ଜା ସୁରକ୍ଷା ଏବଂ ଊର୍ଜା ରୂପାନ୍ତରଣ କ୍ଷେତ୍ରରେ ଭାରତର ପ୍ରୟାସକୁ ସମର୍ଥନ କରିବ। ବିଶ୍ୱର ଦ୍ରୁତତମ ବିକାଶଶୀଳ ଅର୍ଥବ୍ୟବସ୍ଥା ହୋଇଥିବାରୁ ବୈଶ୍ୱିକ ଅଭିବୃଦ୍ଧି ପାଇଁ ଊର୍ଜା ସୁରକ୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି କାରଣରୁ ଊର୍ଜା ବଜାରରେ ସ୍ଥିରତା ସୁନିଶ୍ଚିତ କରିବା ଲାଗି ଇନ୍ଧନ ଯୋଗାଣରେ କୌଣସି ପ୍ରକାରର କଟକଣାକୁ ଭାରତ ବିରୋଧ କରିଥାଏ।

ଊର୍ଜା ରୂପାନ୍ତରଣ ସପକ୍ଷରେ ଭାରତର ସ୍ୱର ଉତ୍ତୋଳନ ଊର୍ଜା ସଂସ୍କାର କ୍ଷେତ୍ରରେ ଅକ୍ଷୟ ଶକ୍ତିର ଅଂଶଧନକୁ ବଢ଼ାଇବା ଲାଗି ସରକାରଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ଅନେକ ଅଗ୍ରଣୀ ପ୍ରୟାସ ସହିତ ଅଧିକ ଦୃଢ଼ତା ଓ ବିଶ୍ୱସନୀୟତା ହାସଲ କରିଛି। ଭାରତ ଦ୍ରୁତ ଗତିରେ ନିଜର ଜୀବାଶ୍ମ ଇନ୍ଧନ ପରିଚାଳିତ ଅର୍ଥବ୍ୟବସ୍ଥାକୁ ଅଙ୍ଗାରକାମ୍ଳ ମୁକ୍ତ କରୁଛି। ସବୁଜ ବିଦ୍ୟୁତ ଶକ୍ତି ଉତ୍ସକୁ ଗ୍ରହଣ କରିବା ଲାଗି ବାଣିଜ୍ୟିକ ଓ ଶିଳ୍ପ ଉପଭୋକ୍ତାମାନଙ୍କୁ ଅନୁମତି ଦେବା ଲାଗି ନିୟମକୁ କୋହଳ କରୁଛି। 30% ବୈଶ୍ୱିକ ଅଙ୍ଗାରକାମ୍ଳ ନିର୍ଗମନ ପାଇଁ ଦାୟୀ ଭାରୀ ଉଦ୍ୟୋଗ ଏବଂ ଲମ୍ବା ଦୂରଗାମୀ ପରିବହନ କ୍ଷେତ୍ରକୁ ଅଙ୍ଗାର ମୁକ୍ତ କରିବା ଲାଗି ଏକ ବୈଶ୍ୱିକ ପ୍ରୟାସ ଫର୍ଷ୍ଟ ମୁଭର୍ସ କୋଅଲିସନରେ ଭାରତ ଯୋଗ ଦେଇଛି।

ଫ୍ରାନ୍ସ ସହିତ ମିଶି ଭାରତ, ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ)ର ଶୁଭାରମ୍ଭ କରିଛି ଏବଂ 'ଏକ ସୂର୍ଯ୍ୟ, ଏକ ବିଶ୍ୱ, ଏକ ଗ୍ରୀଡ' ଦିଗରେ କାର୍ଯ୍ୟ କରୁଛି। ଭାରତର ଅବଦାନ ଆଇଏସଏ ଏକ ବୈଶ୍ୱିକ ସୌର ଆନ୍ଦୋଳନରେ ପରିଣତ ହୋଇଛି, ଏହି ମେଣ୍ଟରେ ୧୦୦ରୁ ଅଧିକ ଦେଶ ଯୋଗ ଦେଇ ସୌର ଶକ୍ତି ଉତ୍ପାଦନକୁ ପ୍ରୋତ୍ସାହିତ କରିବା ଦିଗରେ ପଦକ୍ଷେପ ନେଉଛନ୍ତି।

ଊର୍ଜା ରୂପାନ୍ତରଣ ଦିଗରେ ଅଗ୍ରସର ହେବା ଲାଗି, ସ୍ୱଚ୍ଛ, ଦୀର୍ଘସ୍ଥାୟୀ ଏବଂ ଶସ୍ତା ଊର୍ଜା ରୂପାନ୍ତରଣକୁ ତ୍ୱରାନ୍ୱିତ ଏବଂ ସୁନିଶ୍ଚିତ କରିବା ଲାଗି ଊର୍ଜା ପ୍ରଣାଳୀରେ ପରିବର୍ତ୍ତନ ଓ ବିବିଧକରଣରକୁ ଭାରତ ସମର୍ଥନ ଯୋଗାଇ ଦେଉଛି। ଏହି ପରିପ୍ରେକ୍ଷୀରେ, ଭାରତ ବିକାଶଶୀଳ ଦେଶମାନଙ୍କୁ ନିରନ୍ତର ସହାୟତା ଯୋଗାଣ ସପକ୍ଷରେ ଯୁକ୍ତି ବାଢ଼ି ଆସୁଛି । ବିଶେଷ କରି ସବୁଠୁ ଦୁର୍ବଳ ରାଷ୍ଟ୍ରମାନଙ୍କୁ ସୁଲଭ ଦରରେ, ଭରସାଯୋଗ୍ୟ, ଦୀର୍ଘସ୍ଥାୟୀ ଏବଂ ଆଧୁନିକ ଇନ୍ଧନ ଯୋଗାଇ ଦେବା, କ୍ଷମତା ନିର୍ମାଣ କରିବା, ସାର୍ବଜନୀନ ମଞ୍ଚରେ ଶସ୍ତା ଆଧୁନିକ ପ୍ରଯୁକ୍ତି ଯୋଗାଇ ଦେବା, ଆପୋସ ଲାଭକାରୀ ସହଯୋଗ ଏବଂ ଇନ୍ଧନ କ୍ଷେତ୍ରରେ ପ୍ରଶମନ କାର୍ଯ୍ୟାନୁଷ୍ଠାନ ପାଇଁ ଅର୍ଥଯୋଗାଣକୁ ଭାରତ ସମର୍ଥନ କରି ଆସୁଛି।

ଭବିଷ୍ୟତକୁ ଦୃଷ୍ଟିରେ ରଖି, ଭାରତ ସୌର ଇନ୍ଧନ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ଏବଂ ଉଦ୍ୟୋଗ ଏବଂ ଊର୍ଜା ଉପଭୋକ୍ତାଙ୍କ ଦ୍ୱାରା ବ୍ୟାପକ ଉପଯୋଗ ଲାଗି ଏହାକୁ ଆହୁରି ଅଧିକ ଶସ୍ତା ଓ ସୁଲଭ କରିବା ଦିଗରେ ଆଇଏସଏ ଅନୁଷ୍ଠାନର ଲାଭ ଉଠାଇବ। ଭାରତ ସବୁଜ ବିକାଶ ଓ ଅକ୍ଷୟ ଶକ୍ତି ଦିଗରେ ଊର୍ଜା ରୂପାନ୍ତରଣ ସନ୍ଦର୍ଭରେ ସୌର ଊର୍ଜାର ଉପଯୋଗକୁ ବଢ଼ାଇବା ଉପରେ ଜୋର ଦେବ । ଭାରତର କହିବା କଥା ହେଉଛି, ସୌର ଇନ୍ଧନ ହେଉଛି ଭବିଷ୍ୟତର ଅକ୍ଷୟ ଶକ୍ତି ଇନ୍ଧନ ଯାହାକି ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତାକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବ। ନିଜର ଜି20 ଅଧ୍ୟକ୍ଷତା ସମୟରେ ଭାରତ ବର୍ତ୍ତମାନର ଇନ୍ଧନ ରୂପାନ୍ତରଣକୁ ପ୍ରଯୁକ୍ତି ଓ ଜ୍ଞାନ ହସ୍ତାନ୍ତର ମାଧ୍ୟମରେ ପ୍ରୋତ୍ସାହିତ କରିବ । ଆଗାମୀ ଦିନରେ ସୌର ଏବଂ ଅକ୍ଷୟ ପ୍ରଯୁକ୍ତି କ୍ଷେତ୍ରରେ ନବସୃଜନକୁ ପ୍ରୋତ୍ସାହିତ କରିବା ପାଇଁ ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବା ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଥମିକତା ହେବ ।

# ଏକ ନୂଆ ଜୀବନ ହାସଲ : ପରିବେଶ ଅନୁକୂଳ ଜୀବନଶୈଳୀକୁ ପ୍ରୋତ୍ସାହନ

LiFE
Lifestyle For Environment

ବାସ୍ତବରେ ଜଳବାୟୁ ପରିବର୍ତ୍ତନ ହୋଇଯାଇଛି, ଗ୍ଲୋବାଲ ୱାର୍ମିଂ ବା ବିଶ୍ୱତାପନ ସାରା ଦୁନିଆ ପାଇଁ ଏକ ବିପଦ ସାଜିଛି। ନଦୀଗୁଡ଼ିକୁ ଶୁଖିଯାଉଛି, ଗ୍ଲେସିୟର ତରଳୁଛି ଏବଂ ବିଶ୍ୱର ଅଧିକାଂଶ ସ୍ଥାନରେ ତାପମାତ୍ରା ରେକର୍ଡ ଭାଙ୍ଗୁଛି, ଚତୁର୍ଦ୍ଦିଗରେ ନାନା କଷ୍ଟକର ପରିସ୍ଥିତି ସୃଷ୍ଟି କରୁଛି। ବନ୍ୟା, ମରୁଡ଼ି ଓ ଝଡ଼ବାତ୍ୟା ଭଳି ଅସ୍ଥିର ଜଳବାୟୁ ଜନିତ ଘଟଣା ଆମର ଅସ୍ତିତ୍ୱ ପ୍ରତି ବିପଦ ସୃଷ୍ଟି କରୁଛି। ଆସନ୍ନ ଜଳବାୟୁ ଜରୁରିକାଳୀନ ପରିସ୍ଥିତିର ଏହି ପୃଷ୍ଠଭୂମି ବିରୋଧରେ, ଭାରତ ସ୍ଥାୟୀ ଓ ସୁସ୍ଥ ଜୀବନଶୈଳୀ ପାଇଁ ଲାଇଫ (LIFE) - ଲାଇଫଷ୍ଟାଇଲ୍ ଫର ଦ ଏନଭାୟରନମେଣ୍ଟ - ନାମକ ଏକ ଘରୋଇ ପ୍ରୟାସ ଆରମ୍ଭ କରିଛି ଏବଂ ଏହାକୁ ଜି20 ସମେତ ବିଶ୍ୱ ଏଜେଣ୍ଡାର ସମ୍ମୁଖରେ ରଖିଛି । 1 ନଭେମ୍ବର 2021 ରେ ଗ୍ଲାସଗୋ ଠାରେ ଅନୁଷ୍ଠିତ କପ୍ -26 ବାର୍ଷିକ ବିଶ୍ୱ ଜଳବାୟୁ ଶିଖର ସମ୍ମିଳନୀରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଅବଧାରଣାକୁ ଉପସ୍ଥାପନ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ ନିଜର ଅଭିଭାଷଣରେ ପରିବେଶ ସୁରକ୍ଷା ଏବଂ ସଂରକ୍ଷଣ ଲାଗି "ମନଇଚ୍ଛା ଓ ବିନାଶକାରୀ ଉପଭୋଗ ପରିବର୍ତ୍ତେ ସାବଧାନତା ପୂର୍ବକ ଓ ସୁଚିନ୍ତିତ ଉପଯୋଗ" ଦିଗରେ ଏକ ଅନ୍ତର୍ଜାତୀୟ ଗଣ ଆନ୍ଦୋଳନ ଭାବେ ଲାଇଫ ମିଶନକୁ ଆଗେଇ ନେବା ଲାଗି ବିଶ୍ୱ ସମୁଦାୟକୁ ଆହ୍ୱାନ କରିଥିଲେ।

ଲାଇଫ ମିଶନ "ପୃଥିବୀର, ପୃଥିବୀ ପାଇଁ ଏବଂ ପୃଥିବୀ ଦ୍ୱାରା ପରିଚାଳିତ ଜୀବନଶୈଳୀ"କୁ ଆପଣାଇ ଜଳବାୟୁ ପରିବର୍ତ୍ତନ ବିରୋଧରେ କାର୍ଯ୍ୟାନୁଷ୍ଠାନର କେନ୍ଦ୍ରରେ ବ୍ୟକ୍ତିକୁ ରଖିଥାଏ। ଜଟିଳ ବୃହତ ନୀତିଗତ ବିତର୍କ ଏବଂ ସରକାରୀ ଓ ଅନ୍ତର୍ଜାତୀୟ ଏଜେନ୍ସିମାନଙ୍କର ଭୂମିକା ଠାରୁ ଆଗକୁ ବଢ଼ି, ଲାଇଫ ମିଶନ ଗ୍ରୀନହାଉସ ଗ୍ୟାସ ନିର୍ଗମନକୁ ରୋକିବା ଲାଗି କାର୍ଯ୍ୟାଳୟ କିମ୍ବା ଜିମ୍ ଯିବା ଲାଗି ପଦ୍ଧତିର ଉପଯୋଗ କରିବା ଭଳି ସରଳ ଜୀବନଶୈଳୀ ଆଧାରିତ ପରିବର୍ତ୍ତନକୁ ପ୍ରୋତ୍ସାହିତ କରିଥାଏ। ଲାଇଫ ଏକ ଅନ୍ତର୍ନିହିତ ବିଶ୍ୱାସ ଦ୍ୱାରା ଅନୁପ୍ରାଣିତ ଏବଂ ତାହା ହେଉଛି ଗଭୀର ଧ୍ୟାନର ସହକାରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ବ୍ୟବହାରରେ ପରିବର୍ତ୍ତନ ଆଣିପାରିଲେ ପରିବେଶ ଓ ଜଳବାୟୁ ସଙ୍କଟରେ ପାର୍ଥକ୍ୟ ଆସିପାରେ । ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ର ତଥ୍ୟ ଅନୁଯାୟୀ, ଯଦି ବିଶ୍ୱର ମୋଟ୍ ୮୦୦ କୋଟି ଜନସଂଖ୍ୟା ମଧ୍ୟରୁ ୧୦୦ କୋଟି ଲୋକ ପରିବେଶ ଅନୁକୂଳ ଜୀବନଶୈଳୀକୁ ସେମାନଙ୍କର ଦୈନନ୍ଦିନ ଜୀବନରେ ଗ୍ରହଣ କରନ୍ତି ତା'ହେଲେ ବିଶ୍ୱର ଅଙ୍ଗାର ନିର୍ଗମନ ପରିମାଣ ପ୍ରାୟ ୨୦% ହ୍ରାସ ପାଇବ । ଏହି ନୂଆ ଯୋଜନାରେ, ଏଭଳି ଜୀବନଶୈଳୀକୁ ଗ୍ରହଣ କରିଥିବା ଲୋକମାନଙ୍କୁ ଲାଇଫ୍ ଅଧୀନରେ Pro-Planet Pro People ବା ପୃଥିବୀ ସହଯୋଗୀ ଓ ମଣିଷ ଭାବେ ମାନ୍ୟତା ଦିଆଯିବ।


ଦୀର୍ଘସ୍ଥାୟୀ ଜୀବନଶୈଳୀକୁ ପ୍ରୋତ୍ସାହନ ଦେବା ଲାଗି ନିଜର ସଂକଳ୍ପକୁ ଏକ ନୂତନ ଜୀବନଦାନ ଦେଇ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବିଶାଳ ଏକତାର ପ୍ରତିମୂର୍ତ୍ତି ପାଇଁ ପ୍ରସିଦ୍ଧ ମନୋରମ ଗୁଜରାଟୀ ସହର କେୱଡ଼ିଆ ଠାରେ ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରେସଙ୍କ ଉପସ୍ଥିତିରେ 'ମିଶନ ଲାଇଫ' କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ମିଶନ ଲାଇଫ, ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼େଇକୁ ସର୍ବସମାବେଶୀ କରିଥାଏ କାରଣ ଏଥିରେ ସମସ୍ତେ ନିଜର କ୍ଷମତା ଅନୁଯାୟୀ ଯୋଗଦାନ ଦେଇପାରିବେ । 'ମିଶନ ଲାଇଫ' ଏକ ପ୍ରୋ-ପିପୁଲ ପ୍ଲାନେଟର ଅବଧାରଣକୁ ସୁଦୃଢ଼ କରିବ ବୋଲି ଆଲୋକପାତ କରି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରି କହିଥିଲେ ଯେ ଏହା ପିଥ୍ରୀ ମଡେଲ ଯାହାକି ପ୍ରୋ-ପ୍ଲାନେଟ୍ ପିପୁଲ ଭାବନାକୁ ମଜବୁତ କରିବ।" ପୁନଃଉପଯୋଗ, ହ୍ରାସ ଓ ପୁନଃଚକ୍ରଣ, ଭାରତର ପରମ୍ପରା ଓ ସଂସ୍କୃତିର ଏକ ଅଭିନ୍ନ ଅଙ୍ଗ ଏବଂ ଏହାକୁ ମିଶନ ଲାଇଫର ଅଂଶବିଶେଷ ଭାବେ ସାମିଲ କରାଯାଇଛି କାରଣ ଏହା ଲୋକମାନଙ୍କୁ ଦୀର୍ଘସ୍ଥାୟୀ ବିକଳ୍ପ ପ୍ରସ୍ତୁତ କରିବା ଲାଗି ପ୍ରୋତ୍ସାହିତ କରିଥାଏ।

ବ୍ୟକ୍ତିବିଶେଷଙ୍କୁ ନିଜର ଦୈନିକ ଜୀବନରେ ସରଳ କିନ୍ତୁ ପ୍ରଭାବୀ ପରିବେଶ ଅନୁକୂଳ କାର୍ଯ୍ୟାନୁଷ୍ଠାନର ଅଭ୍ୟାସ କରିବା(ଚାହିଦା), ପରିବର୍ତ୍ତିତ ଚାହିଦା ଅନୁଯାୟୀ ପ୍ରତିକ୍ରିୟା ପ୍ରକାଶ କରିବା ଲାଗି ଶିଳ୍ପ ଓ ବଜାରଗୁଡ଼ିକୁ ସକ୍ଷମ କରିବା (ଯୋଗାଣ) ଏବଂ ଉଭୟ ଦୀର୍ଘସ୍ଥାୟୀ ଉପଭୋଗ ଓ ଉତ୍ପାଦନକୁ ସମର୍ଥନ କରିବା ଲାଗି ସରକାର ଓ ଶିଳ୍ପ ନୀତିକୁ ପ୍ରଭାବିତ କରିବା (ନୀତି) ଆଦି ଲାଇଫ ଆକ୍ସନ ପ୍ଲାନରେ ସାମିଲ ରହିଛି ।

ଜାଗତିକ କଲ୍ୟାଣ ପାଇଁ ଲାଇଫ ମିଶନରେ ରହିଥିବା ପରିବର୍ତ୍ତନକାରୀ ସମ୍ଭାବନାକୁ ଧ୍ୟାନରେ ରଖି, ଭାରତ ଜି20 ସୂଚୀରେ ଦୀର୍ଘସ୍ଥାୟୀ ଜୀବନଶୈଳୀକୁ ସ୍ଥାନିତ କରିଛି। ଜି20 ରାଷ୍ଟ୍ରସମୂହ ବିଶ୍ୱ ଜିଡିପିର 80% ହୋଇଥିବା

ବେଳେ ଏମାନେ ବିଶ୍ୱର 80% ଗ୍ରୀନହାଉସ ଗ୍ୟାସ ନିର୍ଗମନ ପାଇଁ ଦାୟୀ ଅଟନ୍ତି। ଭାରତ ଦୃଷ୍ଟିରେ, ଜି20 ସେଥିପାଇଁ ଲାଇଫକୁ ସବୁଜ ଜୀବନଶୈଳୀ ପାଇଁ ଏକ ବୈଶ୍ୱିକ ଆନ୍ଦୋଳନରେ ପରିଣତ କରିବା ଲାଗି ପ୍ରସ୍ତୁତ ହୋଇ ରହିଛି। ମିଶନ ଲାଇଫ ବିଶ୍ୱକୁ ଜଳବାୟୁ ପରିବର୍ତ୍ତନ ବିରୋଧରେ ଲଢ଼ିବା ଲାଗି ସହାୟକ ହେବ ଏବଂ ମିଳିତ ଜାତିସଂଘ ଦ୍ୱାରା ନିର୍ଦ୍ଧାରଣ କରାଯାଇଥିବା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଏକ ଦୀର୍ଘସ୍ଥାୟୀ ଜୀବନ ମାର୍ଗ ଦିଗରେ ରାହା ଦେଖାଇବ। ଏହି ପରିପ୍ରେକ୍ଷୀରେ, ପ୍ରଧାନମନ୍ତ୍ରୀ ମୋଦୀ 15 ନଭେମ୍ବର 2022ରେ ବାଲି ଠାରେ ଅନୁଷ୍ଠିତ ଜି20 ଶିଖର ସମ୍ମିଳନୀରେ ଲାଇଫ ମିଶନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। "ପୃଥିବୀର ନିରାପଦ ଭବିଷ୍ୟତ ପାଇଁ, ଟ୍ରଷ୍ଟିଶିପ ଭାବନା ହେଉଛି ସମାଧାନ। ଏ ଦିଗରେ ଲାଇଫ ଅଭିଯାନ ଏକ ବଡ଼ ଯୋଗଦାନ ଦେଇପାରିବ। ଏହାର ଉଦ୍ଦେଶ୍ୟ ହେଉଛି ଦୀର୍ଘସ୍ଥାୟୀ ଜୀବନଶୈଳୀକୁ ଏକ ଗଣଆନ୍ଦୋଳନରେ ପରିଣତ କରିବା।" ଜଳବାୟୁ ପରିବର୍ତ୍ତନ ଉପରେ ବୈଶ୍ୱିକ ବିତର୍କକୁ ବଦଳାଇବାରେ ଭାରତର ପ୍ରୟାସକୁ ମାନ୍ୟତା ପ୍ରଦାନ କରି, ଜି20 ବାଲି ନେତାମାନମାନଙ୍କର ଘୋଷଣାନାମା ଦୀର୍ଘସ୍ଥାୟୀ ବିକାଶ ଓ ଜୀବନଶୈଳୀ, ସମ୍ବଳ ଦକ୍ଷତା ଓ ଚକ୍ରାକାର ଅର୍ଥବ୍ୟବସ୍ଥାର ଅବଧାରଣକୁ ସମର୍ଥନ କରିଥିଲା।

ଭାରତର ଜି20 ଅଧ୍ୟକ୍ଷତା ଅଧୀନରେ, ଲାଇଫ ମିଶନ ଅତିରିକ୍ତ ଗତିଶୀଳତା ହାସଲ କରିବ କାରଣ ଏହାକୁ ଅନ୍ତର୍ଜାତୀୟ ସମୁଦାୟ ସହିତ ଭାରତରେ ଏକ ସୁସ୍ଥ ସବୁଜ ଜୀବନଶୈଳୀର ଆକାଂକ୍ଷା ରଖୁଥିବା ଲୋକମାନଙ୍କର ସମର୍ଥନ ମିଳିପାରିବ। ଆଗାମୀ ମାସଗୁଡ଼ିକରେ, ଲାଇଫ୍ ମିଶନ ଜଳବାୟୁ ପରିବର୍ତ୍ତନ ମୁକାବିଲା କରିବା ଲାଗି ଏକ ବୈଶ୍ୱିକ ମନ୍ତ୍ର ହେବା ଦିଗରେ ଅଗ୍ରସର ହେଉଛି। ମିଶନ ଲାଇଫ ବିଶ୍ୱ ନେତାମାନଙ୍କ ଠାରୁ ଉତ୍ସାହଜନକ ପ୍ରତିକ୍ରିୟା ହାସଲ କରିଛି, ସେମାନେ ସବୁଜ ପରିବର୍ତ୍ତନକୁ ଆଗକୁ ବଢ଼ାଇବା ଲାଗି ଏଥିରେ ନିଜର ଆଧ୍ୟାତ୍ମିକ ଆଦର୍ଶ "ବସୁଧୈବ କୁଟୁମ୍ବକମ"କୁ ସାମିଲ କରିଥିବା କାରଣରୁ ଭାରତକୁ ପ୍ରଶଂସା କରିଛନ୍ତି। ଭାରତର ଜି20 ଅଧ୍ୟକ୍ଷତାର ଲକ୍ଷ୍ୟ - "ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ" - ରେ ପ୍ରୋ-ଲାଇଫ ପ୍ଲାନେଟ ଓ ପିପୁଲ ବା ଜୀବନ ସମର୍ଥକ ପୃଥିବୀ ଓ ମାନବ - ର ସାର ନିହିତ ରହିଛି।  ମିଶନ ଲାଇଫ ହେଉଛି ପୃଥିବୀର ସୁରକ୍ଷା ପାଇଁ ନାଗରିକ ଏବଂ ସରକାରଙ୍କ ପାଇଁ କାର୍ଯ୍ୟାନୁଷ୍ଠାନ ଲାଗି ଏକ ଆହ୍ୱାନ ।




# ବିଭାଜନ ଦୂରୀକରଣ: ଡିଜିଟାଲ୍ ସାର୍ବଜନୀନ ସାମଗ୍ରୀ

କୋଭିଡ ପରବର୍ତ୍ତୀ ଦୁନିଆରେ ଡିଜିଟାଲ ପରିବର୍ତ୍ତନ ହେଉଛି ଏକ ନୂତନ ବାସ୍ତବତା। କୋଭିଡ-19 ଆସିବା ପରେ, ଇଣ୍ଟରନେଟ ଆମର ଶ୍ରେଣୀଗୃହ, ଆମର କାର୍ଯ୍ୟସ୍ଥଳୀ, ବୈଠକ ସ୍ଥାନ ଏବଂ ବିଚାର ବିନିମୟ କରିବା ଲାଗି ପସନ୍ଦଯୋଗ୍ୟ ମଞ୍ଚରେ ପରିଣତ ହୋଇଛି । ଡିଜିଟାଲର ପରିବର୍ତ୍ତନକାରୀ ସମ୍ଭାବନାକୁ ଦୃଷ୍ଟିରେ ରଖି, ସାର୍ବଜନୀନ କ୍ଷେତ୍ରରେ ଡିଜିଟାଲ ପରିବର୍ତ୍ତନକୁ ଗତିଶୀଳ କରିବା ଆଗାମୀ ମାସରେ ଭାରତର ଜି20 ଅଧ୍ୟକ୍ଷତା ଓ କୂଟନୈତିକ ଯୋଗାଯୋଗର ଏକ ପ୍ରମୁଖ ବିଷୟ ହେବ । ଏହି ଡିଜିଟାଲ ପରିବର୍ତ୍ତନରେ ଡିଜିଟାଲ ଅର୍ଥବ୍ୟବସ୍ଥା, ଡିଜିଟାଲ ଅର୍ଥଯୋଗାଣ, ଡିଜିଟାଲ ସରକାର, ଡିଜିଟାଲ ସ୍ୱାସ୍ଥ୍ୟ ଏବଂ ଡିଜିଟାଲ ଶିକ୍ଷାକୁ ସାମିଲ କରାଯିବ।

ଦାରିଦ୍ର୍ୟ ଓ ଜଳବାୟୁ ପରିବର୍ତ୍ତନ ବିରୋଧୀ ଲଢ଼େଇରେ ଡିଜିଟାଲ ପ୍ରଯୁକ୍ତିକୁ ମଧ୍ୟ ଉପଯୋଗ କରାଯାଇପାରିବ । ଏହି ପୃଷ୍ଠଭୂମି ଆଗରେ, ଭାରତ ନିଜର ଡିଜିଟାଲ ପରିବର୍ତ୍ତନ କାହାଣୀକୁ ପ୍ରଦର୍ଶିତ କରି ନେତୃତ୍ୱ ନେଇ ପାରିବ, କାରଣ 2014ରେ 50% ଭାରତୀୟଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ ଥିବା ବେଳେ ଏବେ 80% ଭାରତୀୟଙ୍କ ନିକଟରେ ବ୍ୟାଙ୍କ ଆକାଉଣ୍ଟ ରହିଛି । ଭାରତ ଏହି କ୍ଷେତ୍ରରେ ନିଜର ବିଶେଷଜ୍ଞତାକୁ ବିକଶିତ ଓ ବିକାଶଶୀଳ ଦୁନିଆ ଆଗରେ ଉପସ୍ଥାପନ କରିପାରିବ।

ଭାରତ ଡିଜିଟାଲ ଢାଞ୍ଚାକୁ ସମାବେଶୀ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ଯାହାଫଳରେ ଏହା ସାମାଜିକ ଓ ଆର୍ଥିକ ପରିବର୍ତ୍ତନର ଉତ୍ପ୍ରେରକ ହୋଇପାରିବ । ଶାସନରେ ପାରଦର୍ଶିତାକୁ ପ୍ରୋତ୍ସାହନ ଦେବା ସହିତ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ବ୍ୟାପକତା ଓ ଗତି ହାସଲ କରିବା ଲାଗି ଡିଜିଟାଲ ପରିବର୍ତ୍ତନ ଜରୁରି ଅଟେ। ଭାରତ ବିକଶିତ କରିଥିବା ଡିଜିଟାଲ ଜନ ସାମଗ୍ରୀର ଢାଞ୍ଚାରେ ଅନ୍ତର୍ନିହିତ ଗଣତାନ୍ତ୍ରିକ ମୂଲ୍ୟବୋଧ ରହିଛି ।  ଏସବୁ ସମାଧାନଗୁଡ଼ିକ ଓପନ ସୋର୍ସ, ଓପନ ଏପିଆଇ, ଓପନ ଷ୍ଟାଣ୍ଡାର୍ଡସ ଉପରେ ଆଧାରିତ ଯାହାକି ଆନ୍ତଃପରିଚାଳିତ ବା ଇଣ୍ଟରଅପରେବଲ ଏବଂ ସାର୍ବଜନୀନ ଅଟେ। ୟୁନିଫାଏଡ୍ ପେମେଣ୍ଟ ସିଷ୍ଟମ (ୟୁପିଆଇ) ହେଉଛି ଭାରତ ବିକଶିତ କରିଥିବା ଏକ ଅଭିନବ ବ୍ୟବସ୍ଥା ଯାହାକି ଡିଜିଟାଲ ଜନ ସାମଗ୍ରୀର ଏକ ଶ୍ରେଷ୍ଠ ଉଦାହରଣ। ଗତ ବର୍ଷ, ବିଶ୍ୱର 40% ରିଅଲ ଟାଇମ୍ ଅର୍ଥ କାରବାର ୟୁପିଆଇ ଜରିଆରେ ହୋଇଥିଲା। ସେହିପରି, ଡିଜିଟାଲ ପରିଚୟ ଆଧାରରେ 460 ନିୟୁତ ନୂଆ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି, ଯାହାଫଳରେ ଆଜି ଭାରତ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ବିଶ୍ୱସ୍ତରରେ ଅଗ୍ରଣୀ ହୋଇପାରିଛି । ଭାରତର ଓପନ ସୋର୍ସ କୋୱିନ୍ ପ୍ଲାଟଫର୍ମକୁ ବ୍ୟାପକ ଭାବେ ମାନବ ଇତିହାସର ସବୁଠୁ ବଡ଼ ଟୀକାକରଣ ଅଭିଯାନ ଭାବେ ବିବେଚନା କରାଯାଇଥାଏ।

"ଆଧାର, ଦୀକ୍ଷା, ସ୍ୱୟମ ଆଦି ସାର୍ବଜନୀନ ଡିଜିଟାଲ ମୌଳିକ ଭିତ୍ତିଭୂମିର କେତେକ ପ୍ରମୁଖ ଉପାଦାନ ଯାହାକୁ ଭାରତ ଗତ କିଛି ବର୍ଷ ମଧ୍ୟରେ ନିର୍ମାଣ କରିଛି । ଭାରତକୁ ୟୁଏଲଆଇପି (ୟୁନିଫାଏଡ୍ ଲଜିଷ୍ଟିକ୍ସ ଇଣ୍ଟରଫେସ ପ୍ଲାଟଫର୍ମ) ଦିଗରେ ଅଗ୍ରସର ହେବାକୁ ପଡ଼ିବ ଏବଂ ଏହା ଓଏନଡିସି (ଓପନ ନେଟୱର୍କ ଫର ଡିଜିଟାଲ କମର୍ସ) ନିର୍ମାଣ ପ୍ରକ୍ରିୟାରେ ରହିଛି।

କିନ୍ତୁ ଗୋଟିଏ ପଟେ ଭାରତ ଡିଜିଟାଲ ପ୍ରସାରକୁ ସାର୍ବଜନୀନ କରୁଥିବା ବେଳେ ଅନ୍ୟପଟେ ଅନ୍ତର୍ଜାତୀୟ ସ୍ତରରେ ବିଶାଳ ଡିଜିଟାଲ ବ୍ୟବଧାନ ରହିଛି। ଦୁନିଆର ସବୁଠୁ ବିକଶିତ ରାଷ୍ଟ୍ରର ନାଗରିକମାନଙ୍କ ପାଖରେ କୌଣସି ପ୍ରକାରର ଡିଜିଟାଲ ପରିଚୟ ନାହିଁ । କେବଳ 50ଟି ଦେଶ ପାଖରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ରହିଛି। ଏହି ପରିପ୍ରେକ୍ଷୀରେ, ଭାରତ ପ୍ରତ୍ୟେକ ମଣିଷର ଜୀବନରେ ଡିଜିଟାଲ ପରିବର୍ତ୍ତନ ଆଣିବା ଦିଗରେ କାର୍ଯ୍ୟ କରିବ, ଯାହାଫଳରେ ଦୁନିଆର କେହି ଜଣେ ହେଲେ ବ୍ୟକ୍ତି ଡିଜିଟାଲ ପ୍ରଯୁକ୍ତିର ଲାଭରୁ ବଞ୍ଚିତ ରହିବେ ନାହିଁ। ବାଲି ଠାରେ ଅନୁଷ୍ଠିତ ଜି20 ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନିଜର ବକ୍ତବ୍ୟରେ ସାରା  ବିଶ୍ୱକୁ କହିଥିଲେ ଯେ, ଭାରତର ନିଜର ଜି20 ଅଧ୍ୟକ୍ଷତା ସମୟରେ ଏହି ଲକ୍ଷ୍ୟ ହାସଲ ଦିଗରେ ଜି20 ସହଯୋଗୀମାନଙ୍କ ସହିତ ମିଳିତ ଭାବେ କାର୍ଯ୍ୟ କରିବ।

"ବିକାଶ ପାଇଁ ଡେଟା"ର ସିଦ୍ଧାନ୍ତ ଆମ ଅଧ୍ୟକ୍ଷତାର ସାମଗ୍ରିକ ବିଷୟବସ୍ତୁ "ଏକ ପୃଥିବୀ, ଏକ ପରିବାର, ଏକ ଭବିଷ୍ୟତ"ରେ ଏକ ଅଭିନ୍ନ ଅଂଶବିଶେଷ ହେବ ।

ଭାରତ ଡିଜିଟାଲ ପରିବର୍ତ୍ତନକୁ ଦାରିଦ୍ର୍ୟ, ଶିକ୍ଷା, ସ୍ୱାସ୍ଥ୍ୟ, ଏବଂ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର ଉପରେ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ପର୍ଯ୍ୟନ୍ତ ପହଞ୍ଚିବା ଲାଗି ଏକ ମାଧ୍ୟମ ଭାବେ ଦେଖିଥାଏ। ଡିଜିଟାଲ ପରିବର୍ତ୍ତନର ଲାଭ କେବଳ ମାନବ ଜାତିର ଏକ ଛୋଟ ଭାଗ ମଧ୍ୟରେ ସୀମିତ ରହିବା ଉଚିତ୍ ନୁହେଁ । ଭାରତ ଅନ୍ୟ ଜି20 ରାଷ୍ଟ୍ରମାନଙ୍କ ସହିତ ମିଶି ଏ ଦିଗରେ ମଧ୍ୟ କାର୍ଯ୍ୟ କରିବ ।

ଆଗକୁ ବଢ଼ିବା, ଡିଜିଟାଲକୁ ଗ୍ରହଣ କରିବା ଏବଂ ସବୁଜ ପ୍ରୟାସ ଏସବୁ ବଡ଼ ସୁଯୋଗ। "400 ନିୟୁତ ଲୋକଙ୍କ ପାଖରେ ଡିଜିଟାଲ ପରିଚୟ ନାହିଁ; 200 ନିୟୁତ ଲୋକଙ୍କ ପାଖରେ ବ୍ୟାଙ୍କ ଆକାଉଣ୍ଟ ନାହିଁ; ପ୍ରାୟ 133ଟି ଦେଶ ପାଖରେ ଦ୍ରୁତ ଅର୍ଥ ନେଣଦେଣ ବ୍ୟବସ୍ଥା ନାହିଁ । ତେଣୁ, ବିଶ୍ୱରେ ପରିବର୍ତ୍ତନ ଆଣିବା ଲାଗି ଏହା ବହୁତ ବଡ଼ ସୁଯୋଗ," ଭାରତର ଜି20 ଶେରପା ଶ୍ରୀ ଅମିତାଭ କାନ୍ତ କହିଥିଲେ ।



# ଜଳବାୟୁ ଅର୍ଥଯୋଗାଣ : ସବୁଜ ଅଭିବୃଦ୍ଧି ପାଇଁ ପାଣ୍ଠି ଯୋଗାଣ

ସବୁଜ ରୂପାନ୍ତରଣ ଏବଂ ସବୁଜ ବିକାଶକୁ ତ୍ୱରାନ୍ୱିତ କରିବା ଲାଗି ଜଳବାୟୁ ପାଇଁ ପାଣ୍ଠି ଯୋଗାଣର ଏକ ପ୍ରମୁଖ ଭୂମିକା ରହିଛି। ବିଶ୍ୱତାପନର ହାନିକାରକ ପରିଣାମ ବିଷୟରେ ବିଶ୍ୱ ଦ୍ରୁତ ବେଗରେ ସଚେତନ ହେବା ସହିତ, ଜଳବାୟୁ ଅର୍ଥଯୋଗାଣକୁ ବିକଶିତ ରାଷ୍ଟ୍ରରୁ ନେଇ ବିକାଶଶୀଳ ରାଷ୍ଟ୍ରକୁ ସ୍ଥାନାନ୍ତର କରିବା ଏବେ ଏକ ଜରୁରି ଆବଶ୍ୟକତା ହୋଇପଡ଼ିଛି । ଭାରତ ଲଗାତାର ଭାବେ ଅନ୍ତର୍ଜାତୀୟ ମଞ୍ଚରେ ଜଳବାୟୁ ଅର୍ଥଯୋଗାଣ ସପକ୍ଷରେ ଯୁକ୍ତି ବାଢ଼ି ଆସୁଛି କାରଣ ଏହା ବିକଶିତ ରାଷ୍ଟ୍ରମାନଙ୍କୁ  ଗ୍ରୀନହାଉସ ଗ୍ୟାସ ନିର୍ଗମନ ପାଇଁ ଐତିହାସିକ ଭାବେ ଉତ୍ତରଦାୟୀ କରିଥାଏ। ଏହି ତର୍କକୁ ଆଧାର କରି ଭାରତ ଅନ୍ୟ ବିକାଶଶୀଳ ଦେଶମାନଙ୍କ ସହିତ ମିଶି ଜି20ରେ ସବୁଜ ପରିବର୍ତ୍ତନ ପାଇଁ ପାଣ୍ଠିଯୋଗାଣ କରିବା ଲାଗି ଜଳବାୟୁ ଅର୍ଥଯୋଗାଣକୁ ଗତି ଦେବା ନିମନ୍ତେ ଏହାକୁ ଏକ ପ୍ରମୁଖ ମାମଲା ଭାବେ ଉପସ୍ଥାପନ କରିଛି। 2009ରେ କୋପେନହାଗେନ ଠାରେ ଅନୁଷ୍ଠିତ ବିଶ୍ୱ ଜଳବାୟୁ ଶିଖର ସମ୍ମିଳନୀ କପ୍ 15ରେ, ବିକଶିତ ରାଷ୍ଟ୍ରମାନେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ମୁକାବିଲା କରିବା ଲାଗି ବିକାଶଶୀଳ ରାଷ୍ଟ୍ରମାନଙ୍କୁ ସହାୟତା କରିବା ନିମନ୍ତେ 2020 ପର୍ଯ୍ୟନ୍ତ ବାର୍ଷିକ 100 ବିଲିୟନ ଆମେରିକୀୟ ଡଲାର ପାଣ୍ଠି ଯୋଗାଇ ଦେବା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ 14 ବର୍ଷରୁ ଅଧିକ ସମୟ ବିତିଯିବା ପରେ, ଏହି ଲକ୍ଷ୍ୟ ଆଂଶିକ ଭାବେ ହାସଲ କରାଯାଇପାରିଛି।

ଏହି ପୃଷ୍ଠଭୂମିରେ, ଜଳବାୟୁ ଅର୍ଥଯୋଗାଣକୁ ଦ୍ରୁତ ଗତିରେ କାର୍ଯ୍ୟକାରୀ କରିବା ଏବଂ ଜଳବାୟୁ ଅର୍ଥଯୋଗାଣ ନିମନ୍ତେ ମହତ୍ୱାକାଂକ୍ଷାକୁ ବଢ଼ାଇବା ପାଇଁ ଭାରତର ଜି20 ଅଧ୍ୟକ୍ଷତା ସମୟରେ ଉଚ୍ଚ ପ୍ରାଥମିକତା ଦିଆଯିବ। ଭାରତ ଦୃଷ୍ଟିରେ, ବିକାଶଶୀଳ ଦେଶମାନଙ୍କୁ ସେମାନଙ୍କର ମହତ୍ୱାକାଂକ୍ଷୀ ଲକ୍ଷ୍ୟ ପୂରଣ କରିବା ଲାଗି ବାର୍ଷିକ 100 ବିଲିୟନ ଆମେରିକୀୟ ଡଲାର ଆଧାରରେ ଜଳବାୟୁ ପାଣ୍ଠିରେ ବୃଦ୍ଧିର ଆବଶ୍ୟକତା ରହିଛି ଏବଂ ଧନୀ ଦେଶମାନଙ୍କୁ ସମ୍ବଳ ଯୋଗାଡ଼ କରିବା ଲାଗି ଏହି କ୍ଷେତ୍ରରେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି ।

ଏ ଦିଗରେ, ନଭେମ୍ବର 2022ରେ ବାଲି ଠାରେ ଅନୁଷ୍ଠିତ ଜି20 ଶିଖର ସମ୍ମିଳନୀରେ ବିକାଶଶୀଳ ଦେଶମାନଙ୍କୁ ଜଳବାୟୁ ପାଣ୍ଠି ବିତରଣକୁ ତ୍ୱରାନ୍ୱିତ କରିବା ନେଇ ସହମତି ହୋଇଥିଲା ଏବଂ ବିକାଶଶୀଳ ଦେଶମାନଙ୍କୁ ସମର୍ଥନ ଯୋଗାଇ ଦେବା ଲାଗି ବାର୍ଷିକ 100 ବିଲିୟନ ଆମେରିକୀୟ ଡଲାର ଲେଖାଏଁ ମହତ୍ୱାକାଂକ୍ଷୀ ନୂଆ ସାମଗ୍ରିକ ମାତ୍ରାତ୍ମକ ଲକ୍ଷ୍ୟ (ଏନସିକ୍ୟୁଜି) ଉପରେ କାମ କରିବା ନେଇ ମଧ୍ୟ ସହମତି ହୋଇଥିଲା।

ଭାରତ ନିଜର ଅଧ୍ୟକ୍ଷତା ସମୟରେ, ଜଳବାୟୁ ପାଣ୍ଠି ଯୋଗାଣ ସୀମାକୁ ବାର୍ଷିକ ୧୦୦ ବିଲିୟନ ଆମେରିକୀୟ ଡଲାର ଠାରୁ ଅଧିକ ବଢ଼ାଇବା ପାଇଁ ବିକାଶଶୀଳ ଦେଶମାନଙ୍କୁ ରାଜି କରାଇବ। ଭାରତ ଅକ୍ଷୟ ଶକ୍ତି ସମେତ ଶୂନ୍ୟ ଏବଂ ନିମ୍ନ ଅଙ୍ଗାରକାମ୍ଳ ନିର୍ଗମନ ବିଦ୍ୟୁତ ଉତ୍ପାଦନ ନିୟୋଜନକୁ ବଢ଼ାଇବା ଲାଗି ଜି20 ଦେଶମାନଙ୍କ ସହିତ କାର୍ଯ୍ୟ କରିବ । ଭାରତରେ ଜି20 ଶିଖର ସମ୍ମିଳନୀରୁ ତାପମାତ୍ରା ବୃଦ୍ଧି 1.5 ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ କରିବାର ଲକ୍ଷ୍ୟକୁ ଆହୁରି ମଜବୁତ କରାଯାଇପାରିବ ବୋଲି ଆଶା କରାଯାଉଛି।

ବାଲି ଘୋଷଣାନାମାରେ ବିକଶିତ ଦେଶମାନଙ୍କୁ ଏହି ଅନୁରୋଧ କରାଯାଇଛି ଯେ ସେମାନେ ପ୍ରଶମନ ଏବଂ ଅନୁକୂଳନ ମଧ୍ୟରେ ସନ୍ତୁଳନ ହାସଲ କରିବା ଲାଗି 2019 ସ୍ତର ଠାରୁ 2025 ସୁଦ୍ଧା ବିକାଶଶୀଳ ଦେଶମାନଙ୍କୁ ଅନୁକୂଳନ ନିମନ୍ତେ ଜଳବାୟୁ ପାଣ୍ଠିଯୋଗାଣ ପାଇଁ ନିଜର ସାମୂହିକ ବ୍ୟବସ୍ଥାକୁ ଅତିକ୍ରମରେ ଦୁଇ ଗୁଣା ପର୍ଯ୍ୟନ୍ତ ବୃଦ୍ଧି କରନ୍ତୁ । ଏହାକୁ ଭାରତ ଏବଂ ଅନ୍ୟ ବିକାଶଶୀଳ ଦେଶମାନଙ୍କ ପାଇଁ ଏକ ବିଜୟ ଭାବେ ବିବେଚନା କରାଯାଉଛି । ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଲାଗି ଜଳବାୟୁ ପାଣ୍ଠି ଯୋଗାଣ, ପ୍ରଯୁକ୍ତି ହସ୍ତାନ୍ତର ଏବଂ ଗରିବ ଓ ବିକାଶଶୀଳ ଦେଶର କ୍ଷମତାକୁ ମଜବୁତ କରିବା କ୍ଷେତ୍ରରେ ଧନ ଦେଶମାନଙ୍କ ଠାରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଆଶା କରୁଛି।

ଜଳବାୟୁ ସଙ୍କଟର ବ୍ୟାପକ ପ୍ରଭାବକୁ ଦୃଷ୍ଟିରେ ରଖି କାର୍ଯ୍ୟାନୁଷ୍ଠାନକୁ ଆଉ ଅଧିକ ବିଳମ୍ବିତ କରାଯାଇପାରିବ ନାହିଁ। ଏହି ପରିପ୍ରେକ୍ଷୀରେ, ଜଳବାୟୁ ପାଣ୍ଠି ଯୋଗାଣ ସମ୍ପର୍କରେ ଆଲୋଚନା ଆରମ୍ଭ କରିବା ଲାଗି ବିକଶିତ ରାଷ୍ଟ୍ରମାନଙ୍କୁ ରାଜି କରାଇବା କ୍ଷେତ୍ରରେ ଜି20 ରାଷ୍ଟ୍ର ସମୂହର ଏକ ପ୍ରମୁଖ ଦାୟିତ୍ୱ ରହିଛି। ଭାରତ ନିଜର ଅଧ୍ୟକ୍ଷତା ସମୟରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ପ୍ରଶମନ କରିବା ଲାଗି ଆର୍ଥିକ, ପ୍ରଯୁକ୍ତିଗତ ଏବଂ କ୍ଷମତା ନିର୍ମାଣ ସହାୟତା ଯୋଗାଇ ଦେବା ଲାଗି ବିକଶିତ ଦେଶମାନଙ୍କୁ ରାଜି କରାଇବା ଲାଗି ପ୍ରୟାସ କରିବ। ଭାରତର ଦୃଷ୍ଟିକୋଣରେ, ବିକଶିତ ଦେଶମାନଙ୍କୁ ଗ୍ରୀନ ହାଉସ ଗ୍ୟାସ ନିର୍ଗମନ ପାଇଁ ନିଜର ଐତିହାସିକ ଦାୟିତ୍ୱକୁ ଦୃଷ୍ଟିରେ ରଖି, ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବା ଲାଗି ସମ୍ବଳ ଯୋଗାଡ଼ କରିବା କ୍ଷେତ୍ରରେ ନେତୃତ୍ୱ ନେବାର ଆବଶ୍ୟକତା ରହିଛି । ଅନୁକୂଳନ ଏବଂ ପ୍ରଶମନ ପ୍ରକଳ୍ପ ମଧ୍ୟରେ ପାଣ୍ଠିର ସମାନତାପୂର୍ଣ୍ଣ ଆବଣ୍ଟନ ହେବା ଉଚିତ୍।

# ଖାଦ୍ୟ ସୁରକ୍ଷା, ମିଲେଟ୍‌କୁ ଲୋକପ୍ରିୟ କରିବା ଲାଗି ଜି20ରେ ସହଭାଗିତା ବଢ଼ାଇବାର ଆବଶ୍ୟକତା

କୋଭିଡ-19 ମହାମାରୀ ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ସଂକଟ କାରଣରୁ ଯୋଗାଣ ଶୃଙ୍ଖଳା ବାଧିତ ହେବା ଏବଂ ଖାଦ୍ୟ ଅସୁରକ୍ଷା ବଢ଼ିବା ଏକ ପ୍ରମୁଖ ଜାଗତିକ ଚିନ୍ତା ପାଲଟିଛି । ଭାରତର ଜି20 ଅଧ୍ୟକ୍ଷତା ସମୟରେ ପ୍ରମୁଖ ଖାଦ୍ୟ ସୁରକ୍ଷା ବିଷୟ ଭାବେ ସାମିଲ କରାଯିବ । ଖାଦ୍ୟ ସଙ୍କଟ ଉଭୟ ବିକାଶଶୀଳ ଓ ବିକଶିତ ରାଷ୍ଟ୍ରମାନଙ୍କୁ ପ୍ରଭାବିତ କରୁଥିବାରୁ ଜାଗତିକ ଖାଦ୍ୟ ସୁରକ୍ଷାକୁ ସୁଦୃଢ଼ କରିବା ଲାଗି ଅନ୍ତର୍ଜାତୀୟ ସହଯୋଗ ବୃଦ୍ଧି କରିବା ଏବଂ ଉତ୍ତର-ଦକ୍ଷିଣ ବିଭାଜନ ନିର୍ବିଶେଷରେ ସହାୟତା ଯୋଗାଇ ଦେବା ନିମନ୍ତେ ଭାରତ ନିଜର ଜି20 ଅଧ୍ୟକ୍ଷତାକୁ ଉପଯୋଗ କରିବ। ଏ ଦିଗରେ, ଭାରତ କେବଳ ନିଜର 130 କୋଟି ଲୋକଙ୍କ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିନାହିଁ ବରଂ ଏହା ଅଧିକାଂଶ ବିକାଶଶୀଳ ଦେଶମାନଙ୍କ ପାଇଁ ଏକ ପ୍ରମୁଖ ଖାଦ୍ୟସାମଗ୍ରୀ ଯୋଗାଣକାରୀ ଭାବେ ଅଗ୍ରଣୀ ସ୍ଥାନରେ ଅଛି । ଦକ୍ଷିଣ-ଦକ୍ଷିଣ ସହଯୋଗ ଭାବନା ନେଇ ଭାରତ ଆଫଗାନିସ୍ତାନକୁ 50,000 ମେଟ୍ରିକ ଟନ୍ ଗହମ ଏବଂ ଏକାଧିକ ପର୍ଯ୍ୟାୟରେ ଔଷଧ ଏବଂ ଟିକା ଯୋଗାଇ ଦେଇଛି ।  ଏଥିସହିତ ଶ୍ରୀଲଙ୍କାକୁ ଇନ୍ଧନ, ଅତ୍ୟାବଶ୍ୟକ ସାମଗ୍ରୀ ଏବଂ ବାଣିଜ୍ୟ ସମାଧାନ ପାଇଁ 3.8 ବିଲିୟନ ଆମେରିକୀୟ ଡଲାର ପରବର୍ଦ୍ଧିତ ଋଣ ସହାୟତା ଯୋଗାଇ ଦେଇଛି ତଥା ମ୍ୟାଁମାର (Myanmar) କୁ 10,000 ମେଟ୍ରିକ ଖାଦ୍ୟ ଓ ଟିକା ଆଦି ସହାୟତା ପ୍ରଦାନ କରିଛି।



ମହାମାରୀ ଏବଂ ରୁଷ-ୟୁକ୍ରେନ ଯୁଦ୍ଧ ସଂକଟ ଭଳି ଦୁଇ ଦୁଇଟି ଅବରୋଧ କାରଣରୁ ବିଶ୍ୱ ଯୋଗାଣ ଶୃଙ୍ଖଳା ଭୁଶୁଡ଼ି ପଡ଼ିଥିବାରୁ, ଭାରତ ନିଜର ଜି20 ଅଧ୍ୟକ୍ଷତା ସମୟରେ ଉଭୟ ଖତ ଓ ଖାଦ୍ୟଶସ୍ୟ ଯୋଗାଣ ଶୃଙ୍ଖଳାକୁ ସ୍ଥିର ତଥା ସୁନିଶ୍ଚିତ ରଖିବା ଲାଗି ଅନ୍ତର୍ଜାତୀୟ ସମୁଦାୟକୁ ଏକତ୍ରିତ କରିବ। ବିଶେଷ କରି, ଭାରତ କୃଷିସାରର ବାଧାମୁକ୍ତ ଯୋଗାଣ ଉପରେ ପ୍ରାଥମିକତା ଦେବ। 15-16 ନଭେମ୍ବର 2022ରେ ବାଲି ଠାରେ ଅନୁଷ୍ଠିତ ଜି20 ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ, "ଆଜିର କୃଷିସାର ଅଭାବ ଆସନ୍ତାକାଲିର ଖାଦ୍ୟ ସଙ୍କଟ ଅଟେ ଯାହାର ସମାଧାନ ବିଶ୍ୱ ପାଖରେ ନଥିବ।"

ବିଶ୍ୱ ଖାଦ୍ୟ ସଙ୍କଟକୁ କମାଇବା ଲାଗି ଭାରତ ବିଶ୍ୱ ବଜାରରେ ରୁଷୀୟ ଖାଦ୍ୟ ସାମଗ୍ରୀ ଓ କୃଷିସାର ଯୋଗାଣ ନିମନ୍ତେ ବ୍ଲାକ୍ ସି ଗ୍ରେନ୍ ଇନିସିଏଟିଭ (Black sea green initiative) କୁ ସମର୍ଥନ କରିଛି। ଏହା ଉତ୍ତେଜନା ହ୍ରାସ କରିବା ଏବଂ ବିକାଶଶୀଳ ଦେଶରେ ଖାଦ୍ୟ ସଙ୍କଟ ଓ କ୍ଷୁଧା ଦୂର କରିବା ଲାଗି ୟୁକ୍ରେନ ଏବଂ ରୁଷୀୟ ସଂଘରୁ ଖାଦ୍ୟଶସ୍ୟ, ଖାଦ୍ୟପଦାର୍ଥ ଓ କୃଷିସାର/ସାମଗ୍ରୀ ବାଧାମୁକ୍ତ ବିତରଣ ସୁନିଶ୍ଚିତ କରିବ । ଏ ସନ୍ଦର୍ଭରେ, ଭାରତ ରପ୍ତାନି ନିଷେଧ କିମ୍ବା ଖାଦ୍ୟ ଓ କୃଷିସାର ଉପରେ ପ୍ରତିବନ୍ଧ ଲାଗୁ କରିବାକୁ ବିରୋଧ କରୁଛି ।

ଭାରତ ନିଜର ଜି20 ଅଧ୍ୟକ୍ଷତା ଅଧୀନରେ ସମସ୍ୟାପୂର୍ଣ୍ଣ ପରିସ୍ଥିତିରେ ଖାଦ୍ୟ ଯୋଗାଣ ଶୃଙ୍ଖଳକୁ କ୍ରିୟାଶୀଳ ରଖିବା ଲାଗି ଅନ୍ତର୍ଜାତୀୟ ପ୍ରୟାସକୁ ତ୍ୱରାନ୍ୱିତ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଭାରତ ବଞ୍ଚିତ ଦେଶ, ବିଶେଷ କରି ଗ୍ଲୋବଲ ସାଉଥ ରାଷ୍ଟ୍ର ସମୂହର ଦେଶମାନଙ୍କ ପାଇଁ ଖାଦ୍ୟ ଓ ଖାଦ୍ୟ ସାମଗ୍ରୀର ଯୋଗାଣ, ସାମର୍ଥ୍ୟ ଓ ସ୍ଥିରତା ସୁନିଶ୍ଚିତ କରି ଖାଦ୍ୟ ସୁରକ୍ଷାକୁ ଯୋଡ଼ିବା ଲାଗି ଏକ ଅତୁଟ ପ୍ରତିବଦ୍ଧତା ପ୍ରଦର୍ଶିତ କରିଛି।

ଭାରତ ପାଇଁ, ଖାଦ୍ୟ ଓ ପୁଷ୍ଟିସାଧନ ସୁରକ୍ଷାରେ ସୁଧାର କ୍ରମରେ କୃଷି, ଖାଦ୍ୟ ପ୍ରଯୁକ୍ତି ଏବଂ ଜୈବିକ ପ୍ରଯୁକ୍ତିରେ ଅଧିକ ତାଳମେଳ ବଜାୟ ରଖିବା ଲାଗି ନବସୃଜନକୁ ପ୍ରୋତ୍ସାହନ ଦେବା ଏକ ପ୍ରମୁଖ ପ୍ରାଥମିକତା ହେବ।

ଭବିଷ୍ୟତକୁ ଦୃଷ୍ଟିରେ ରଖି, ଭାରତ ଦୀର୍ଘସ୍ଥାୟୀ ଖାଦ୍ୟ ସୁରକ୍ଷା ଏବଂ ପ୍ରାକୃତିକ କୃଷିକୁ ପ୍ରୋତ୍ସାହନ ଦେବା ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତର ଅନ୍ତର୍ଜାତୀୟ ସହଭାଗିତାରେ ଜଳବାୟୁ ସହନଶୀଳ ଏବଂ ସ୍ମାର୍ଟ କୃଷି ଏକ ପ୍ରମୁଖ ବୈଶିଷ୍ଟ୍ୟ ଭାବେ ସ୍ଥାନ ପାଇବ। ନିଜର ଅଧ୍ୟକ୍ଷତା ସମୟରେ ଭାରତ ମିଲେଟ୍ ଭଳି ପୋଷକଯୁକ୍ତ ଏବଂ ପାରମ୍ପରିକ ଖାଦ୍ୟଶସ୍ୟକୁ ପୁନଃଲୋକପ୍ରିୟ କରାଇବ । ଏହି ପରିପ୍ରେକ୍ଷୀରେ, ଭାରତ ନିଜର ଅଧ୍ୟକ୍ଷତା ସମୟରେ ଅନ୍ତର୍ଜାତୀୟ ମିଲେଟ୍ ବର୍ଷକୁ ପାଳନ କରିବା ଲାଗି ପ୍ରବଳ ଉତ୍ସାହର ସହିତ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଆୟୋଜନ କରିବ ।

ଖାଦ୍ୟ ସୁରକ୍ଷା ମିଳିତ ଜାତିସଂଘର ଅନ୍ୟତମ ପ୍ରମୁଖ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହୋଇଥିବାରୁ ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମରେ ଜି20 ରାଷ୍ଟ୍ରମାନଙ୍କର ସହାୟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ। ସମସ୍ତଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା ଲାଗି ଭାରତ ଏକ ନାଗରିକ କୈନ୍ଦ୍ରିକ ଯୋଜନା ଭାବେ "ଏକ ରାଷ୍ଟ୍ର ଏକ ରାସନ କାର୍ଡ ଯୋଜନା" ଆରମ୍ଭ କରିଛି।


ଖାଦ୍ୟ ସୁରକ୍ଷା କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି । ବିଶ୍ୱର ସବୁଠୁ ବଡ଼ ଖାଦ୍ୟ ସୁରକ୍ଷା ଯୋଜନା ଭାରତରେ କାର୍ଯ୍ୟକାରୀ ହେଉଛି। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମଜିକେଏୱାଇ) ଅଧୀନରେ ଭାରତ ସରକାର ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ମିଳୁଥିବା ମାସିକ ଖାଦ୍ୟଶସ୍ୟ ଅତିରିକ୍ତ, ଜଣେ ବ୍ୟକ୍ତି ପିଛା ମାସିକ 5 କିଲୋଗ୍ରାମ ଲେଖାଏଁ ଖାଦ୍ୟଶସ୍ୟ ମାଗଣାରେ ଯୋଗାଇ ଦେଉଛନ୍ତି। କରୋନା ମହାମାରୀ ବ୍ୟାପିବା ସମୟରେ ଏହି ଯୋଜନା ୫0କୋଟିରୁ ଅଧିକ ଭାରତୀୟଙ୍କୁ ଖାଦ୍ୟ ସୁରକ୍ଷା ଯୋଗାଇ ଦେଇଥିଲା। ଭାରତରେ ଉତ୍କଟ ଦାରିଦ୍ର୍ୟ ସ୍ତର ବୃଦ୍ଧିକୁ ନିରାକରଣ କରିବା କ୍ଷେତ୍ରରେ ଏହି ଯୋଜନା ସହାୟକ ହୋଇଥିବାରୁ ଆଇଏମଏଫ ଏହାର ପ୍ରଶଂସା କରିଛି  ଏବଂ ଦର୍ଶାଇଛି ଯେ ଦୁଇ ଗୁଣା ଖାଦ୍ୟ ସାମଗ୍ରୀ ବିତରଣ କରାଯିବା ଯୋଗୁ ଏହା ଗରିବମାନଙ୍କ ଉପରେ କୋଭିଡ ମହାମାରୀ ଜନିତ କ୍ଷତିକୁ ଉଲ୍ଲେଖନୀୟ ଭାବେ ହ୍ରାସ କରିବା କ୍ଷେତ୍ରରେ ସହାୟକ ହୋଇଛି ।

ବିଶ୍ୱ ଖାଦ୍ୟ ସୁରକ୍ଷାକୁ ବଢ଼ାଇବା ଲାଗି ଅନ୍ତର୍ଜାତୀୟ ପହଞ୍ଚ ସନ୍ଦର୍ଭରେ, ଭାରତ ନିକଟରେ ଜି20 ରାଷ୍ଟ୍ରମାନଙ୍କ ତୁଳନାରେ ବିଶାଳ କୃଷି ଜନଶକ୍ତି ରହିଛି, ଯାହାକୁ ଖାଦ୍ୟ ଉତ୍ପାଦନ ବଢ଼ାଇବା ଲାଗି ଉପଯୋଗ କରାଯାଇପାରିବ। ଅଧିକନ୍ତୁ, ଭାରତୀୟ କୃଷି ପ୍ରତିଭା ବିଶ୍ୱ ଖାଦ୍ୟ ସୁରକ୍ଷାକୁ ବଢ଼ାଇବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିବ। ଭାରତୀୟ କୃଷି ଦକ୍ଷତା ବିଶ୍ୱର କେତେକ ଦେଶରେ ପନୀର ଏବଂ ଅଲିଭ୍ ଭଳି ପାରମ୍ପରିକ କୃଷି ଉତ୍ପାଦକୁ ନୂଆ ଜୀବନ ଦେବାରେ ସହାୟକ ହୋଇଛି।

ଡିଜିଟାଲ ପ୍ରଯୁକ୍ତିର ବିକାଶ ଏବଂ କୃଷି-ବୈଷୟିକ କମ୍ପାନୀର ଅଧିକ ଉଦ୍ଭବ ସହିତ, ରକ୍ଷଣଶୀଳ ଏବଂ ବିନା ହଳରେ କୃଷି ପଦ୍ଧତି, ସଠିକ କୃଷି, ଚୁକ୍ତିଭିତ୍ତିକ କୃଷି, ବୁନ୍ଦା ଜଳସେଚନ ଭଳି କମ ଖର୍ଚ୍ଚ ଆଧାରିତ କୃଷି ପଦ୍ଧତିକୁ କିଭଳି ପ୍ରୋତ୍ସାହନ ଦିଆଯାଇପାରିବ ତଥା ଉନ୍ନତ ମାନର ବିହନ କିଭଳି ବିତରଣ କରାଯାଇପାରିବ ସେ ଦିଗରେ ସୂଚନା ଯୋଗାଇ ଦେବା ନିମନ୍ତେ ଭାରତ ନିକଟରେ ଏକ ସୁଯୋଗ ରହିଛି ।

କ୍ଷୁଧା ଏବଂ ଅପପୁଷ୍ଟିକୁ ଦୂର କରିବା ଲାଗି କୃଷିକୁ ଅଧିକ ପରିବେଶ ଅନୁଯାୟୀ ଦୀର୍ଘସ୍ଥାୟୀ କରିବା ଲାଗି ଜି20 ପ୍ରୟାସକୁ ବଢ଼ାଇବା ଅଧିକ ଜରୁରି । ଏ ଦିଗରେ, ସକାରାତ୍ମକ, ପୁଷ୍ଟିସାଧନ ସଂକ୍ରାନ୍ତ ପରିଣାମ ସୁନିଶ୍ଚିତ କରିବା ଲାଗି କୀଟନାଶକ, ତୃଣନାଶକ ଏବଂ ଦୂଷିତକରଣ ମୁକ୍ତ ବିଭିନ୍ନ କୃଷି ଜ୍ଞାନକୌଶଳ ଏବଂ ପଦ୍ଧତିକୁ ଆପଣାଇବା ଲାଗି ଅନ୍ତର୍ଜାତୀୟ ସହଯୋଗର ଆବଶ୍ୟକତା ରହିଛି।

# ବିଶ୍ୱ ଆର୍ଥିକ ପ୍ରଶାସନକୁ ସାର୍ବଜନୀନକରଣ କରିବା : ଏକବିଂଶ ଶତାବ୍ଦୀର ବାସ୍ତବତା ପାଇଁ ପ୍ରସ୍ତୁତି



ଦ୍ୱିତୀୟ ବିଶ୍ୱ ଯୁଦ୍ଧ ପରେ ଗଠନ ହୋଇଥିବା ବିଶ୍ୱ ବ୍ୟବସ୍ଥା ଦ୍ରୁତ ଗତିରେ ପୁରୁଣା ଏବଂ ଶିଥିଳ ହୋଇଯାଇଛି । ଉଦୀୟମାନ ସଂକଟର ମୁକାବିଲାକରିବା ଲାଗି ଏହା ବିଶ୍ୱ ସଂସ୍ଥାନଗୁଡ଼ିକର କ୍ଷମତା ଉପରେ ପ୍ରତିକୂଳ ପ୍ରଭାବ ପକାଇଛି। ଏହି ସନ୍ଦର୍ଭରେ ବିଶ୍ୱ ଆର୍ଥିକ ପ୍ରଶାସନିକ ପ୍ରତିଷ୍ଠାନଗୁଡ଼ିକୁ ଅଧିକ ସାର୍ବଜନୀନ କରିବା ଏବଂ ଏଗୁଡ଼ିକୁ ବିଶ୍ୱ  ବ୍ୟବସ୍ଥାରେ ଜାରି ରହିଥିବା ପରିବର୍ତ୍ତନ ଅନୁକୂଳ କରିବା ଉପରେ ଭାରତ ନିଜର ଜି20 ଅଧ୍ୟକ୍ଷତା ସମୟରେ ପ୍ରମୁଖ ପ୍ରାଥମିକତା ଦେବ। ବିଶ୍ୱ ବ୍ୟାଙ୍କ ଏବଂ ଆଇଏମଏଫ ଭଳି ପ୍ରତିଷ୍ଠାନ ଏବେ ସୁଦ୍ଧା ପାଶ୍ଚାତ୍ୟର ଗଡ଼ ହୋଇ ରହିଛନ୍ତି ଏବଂ ଏହାକୁ ପ୍ରାସଙ୍ଗିକ ରଖିବା ଲାଗି ଉଦୀୟମାନ ଓ ବିକାଶଶୀଳ ଦେଶକୁ ଆହୁରି ଅଧିକ ପ୍ରତିନିଧିତ୍ୱ ଓ ଗୁରୁତ୍ୱ ପ୍ରଦାନ କରିବାର ଆବଶ୍ୟକତା ରହିଛି । ବିକାଶଶୀଳ ଅର୍ଥବ୍ୟବସ୍ଥାର ଅଭ୍ୟୁଦୟକୁ ଦୃଷ୍ଟିରେ ରଖି ବହୁପକ୍ଷୀୟ ପ୍ରତିଷ୍ଠାନ ଏବଂ ବିକାଶ ବ୍ୟାଙ୍କଗୁଡ଼ିକ ସମେତ ଅନ୍ତର୍ଜାତୀୟ ଅର୍ଥଯୋଗାଣ ସଂସ୍ଥାନରେ ଜରୁରି ସଂସ୍କାର ଆଣିବାର ଆବଶ୍ୟକତା ରହିଛି। ଏହି ପୃଷ୍ଠଭୂମିରେ, ବିଶ୍ୱ ପ୍ରଶାସନିକ ପ୍ରତିଷ୍ଠାନଗୁଡ଼ିକର ସଂସ୍କାରକୁ ତ୍ୱରାନ୍ୱିତ କରିବା ଲାଗି ଭାରତ ନିଜର ଜି20 ଅଧ୍ୟକ୍ଷତା ସମୟରେ ପ୍ରମୁଖ ପ୍ରାଥମିକତା ଦେବ।

ୟୁକ୍ରେନ ସଙ୍କଟ ଯୋଗୁ ଅତ୍ୟାବଶ୍ୟକ ସାମଗ୍ରୀର ଅଭାବ ଏବଂ ବିଶ୍ୱ ଯୋଗାଣ ଶୃଙ୍ଖଳ ଭୁଶୁଡ଼ି ପଡ଼ିବା କାରଣରୁ ବିଶ୍ୱ ପ୍ରଶାସନିକ ସଂସ୍ଥାନଗୁଡ଼ିକରେ ସଂସ୍କାର ଆଣିବା ଆହୁରି ଜରୁରି ହୋଇପଡ଼ିଛି । ବାଲି ଠାରେ ଜି-20 ଶିଖର ସମ୍ମିଳନୀରେ ନିଜର ଉଦବୋଧନ ଦେଇ, ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ ଭାବେ ସଂକଟର ବ୍ୟାପକତାକୁ ଉପସ୍ଥାପନ କରିଥିଲେ ଏବଂ ବହୁପକ୍ଷୀୟ ସଂସ୍ଥାନରେ ସଂସ୍କାର ଆଣିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। "ପ୍ରତ୍ୟେକ ରାଷ୍ଟ୍ରର ଗରିବ ନାଗରିକଙ୍କ ପାଇଁ ସମସ୍ୟା ଅତ୍ୟନ୍ତ ଗମ୍ଭୀର। ସମସ୍ତେ କିଛି ନା କିଛି ସଂକଟର ସମ୍ମୁଖିନ ହୋଇଛନ୍ତି। ଦୁଇ ଦୁଇଟି ସଂକଟର ମୁକାବିଲା କରିବା ଲାଗି ସେମାନଙ୍କ ପାଖରେ ଆର୍ଥିକ କ୍ଷମତା ନାହିଁ," ସେ କହିଥିଲେ। "ଆମେ ଏହା ସ୍ୱୀକାର କରିବାରେ କୁଣ୍ଠାବୋଧ କରିବା ଉଚିତ୍ ନୁହେଁ ଯେ ମିଳିତ ଜାତିସଂଘ ଭଳି ବହୁପକ୍ଷୀୟ ସଂଗଠନ ଏସବୁ ସମସ୍ୟାର ସମାଧାନ କରିବାରେ ବିଫଳ ହୋଇଛନ୍ତି। ଏସବୁ ପ୍ରତିଷ୍ଠାନରେ ଉପଯୁକ୍ତ ସଂସ୍କାର ଆଣିବାରେ ଆମେ ସମସ୍ତେ ମଧ୍ୟ ବିଫଳ ହୋଇଛୁ," ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ। ଭାରତ ମତରେ, କୋଭିଡ ପରବର୍ତ୍ତୀ ଦ୍ରୁତ ସୁଧାର ଲାଗି ବିଶ୍ୱ ପ୍ରଶାସନକୁ ଉନ୍ନତ କରିବା ନିମନ୍ତେ ବହୁପକ୍ଷୀୟ ସଂଗଠନଗୁଡ଼ିକରେ ସଂସ୍କାର କାର୍ଯ୍ୟକାରୀ କରିବା ଜରୁରି।

ବର୍ତ୍ତମାନ ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କର ପ୍ରଶାସନିକ ଢାଞ୍ଚାରେ ଏକ ସ୍ୱତନ୍ତ୍ର ପରିଚାଳନା ବ୍ୟବସ୍ଥା ରହିଛି । ଏମାନେ ଏକ ବୋର୍ଡ ଦ୍ୱାରା ନିୟନ୍ତ୍ରିତ ହୋଇଥାନ୍ତି ଯେଉଁଠି ମତଦାନ କ୍ଷମତା ସେମାନଙ୍କ ସଦସ୍ୟ ରାଷ୍ଟ୍ରର ଆର୍ଥିକ ଆକାର ଉପରେ ନିର୍ଭର କରିଥାଏ। ଏହା ଏକ କଠୋର ବିଷମତାକୁ ଜନ୍ମ ଦେଇଛି : ଆମେରିକା ସରକାରଙ୍କ ପାଖରେ 16% ଭୋଟ୍ ଶେୟାର ରହିଛି ଅନ୍ୟପଟେ 100 ନିୟୁତରୁ ଅଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଇଥିଓପିଆ ଆଇଏମଏଫରେ ମାତ୍ର 0.09% ଭୋଟ୍‌କୁ ନିୟନ୍ତ୍ରିତ କରିଥାଏ। ବିଶ୍ୱ ବ୍ୟାଙ୍କରେ ସବୁବେଳେ ଜଣେ ଯୁକ୍ତରାଷ୍ଟ୍ର ଆମେରିକୀୟ  କିମ୍ବା ଜଣେ ୟୁରୋପୀୟ ମୁଖ୍ୟ ଥାଆନ୍ତି। ଉଭୟ ସଂଗଠନର ମୁଖ୍ୟାଳୟ ଯୁକ୍ତରାଷ୍ଟ୍ର ଆମେରିକାର ରାଜଧାନୀରେ ରହିଛି ଏବଂ ସେମାନେ ପ୍ରାୟତଃ ଧନୀ ଦେଶର ଅର୍ଥଶାସ୍ତ୍ରୀମାନଙ୍କୁ ନିଯୁକ୍ତି ଦେଇଥାନ୍ତି । ବିକଶିତ ଦେଶମାନଙ୍କୁ ସୁହାଉଥିବା ଏଭଳି ପ୍ରଶାସନିକ ଢାଞ୍ଚାରେ ପରିବର୍ତ୍ତନ ଆଣିବା ନିହାତି ଜରୁରି ।

ଭାରତ ନିଜର କେନ୍ଦ୍ରରେ ଏକ ମଜବୁତ, କୋଟା-ଆଧାରିତ ଏବଂ ପର୍ଯ୍ୟାପ୍ତ ରୂପରେ ସମ୍ବଳ ଆଧାରିତ ଆଇଏମଏଫ ସହିତ ଏକ ମଜବୁତ ଓ ପ୍ରଭାବୀ ବିଶ୍ୱ ଆର୍ଥିକ ସୁରକ୍ଷା ଜାଲ ବଜାୟ ରଖିବାକୁ ସଂକଳ୍ପବଦ୍ଧ ଅଟେ। 15 ଡିସେମ୍ବର 2023 ସୁଦ୍ଧା ଗାଇଡ୍ ଆକାରରେ ଏକ ନୂଆ କୋଟା ଫର୍ମୁଲା ସହିତ କୋଟାର 16ତମ ସାଧାରଣ ସମୀକ୍ଷା ଅଧୀନରେ ଆଇଏମଏଫ ପ୍ରଶାସନିକ ସଂସ୍କାର ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ଉପରେ ଭାରତ ଗୁରୁତ୍ୱାରୋପ କରିବା ଜାରି ରଖିବ। ଜି20 ଦେଶ ସ୍ଥାୟୀ ପୁଞ୍ଜିପ୍ରବାହକୁ ପ୍ରୋତ୍ସାହନ ଦେବା ଏବଂ ସ୍ଥାନୀୟ ମୁଦ୍ରା ପୁଞ୍ଜି ବଜାର ବିକଶିତ କରିବା ସମେତ ଅନ୍ତର୍ଜାତୀୟ ଆର୍ଥିକ ଢାଞ୍ଚାର ଦୀର୍ଘକାଳୀନ ଆର୍ଥିକ ନମନୀୟତାକୁ ମଜବୁତ କରିବା ପାଇଁ କାମ କରିବେ ବୋଲି ଆଶା କରାଯାଉଛି ।

ବିଶ୍ୱ ପ୍ରଶାସନରେ ସଂସ୍କାର ଆଣିବା ଲାଗି ଭାରତର ଦୃଷ୍ଟିକୋଣ ବହୁପକ୍ଷୀୟ ସଂସ୍କାର ଅବଧାରଣାରୁ ଆସିଅଛି । ପ୍ରଧାନମନ୍ତ୍ରୀ ମୋଦୀ 2018ରେ ଦକ୍ଷିଣ ଆଫ୍ରିକାର ଜୋହନ୍ସବର୍ଗ ଠାରେ ଅନୁଷ୍ଠିତ ବ୍ରିକ୍ସ ଶିଖର ସମ୍ମିଳନୀର ଲିଡର୍ସ

ରିଟ୍ରିଟ୍ ସମାରୋହରେ ପ୍ରଥମେ ଏ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ। ସମକାଳୀନ ବାସ୍ତବିକତାକୁ ପ୍ରତିଫଳନ କରୁନଥିବା ବହୁପକ୍ଷୀୟ ସଂସ୍ଥାରେ ସଂସ୍କାରକୁ ଆଗକୁ ବଢ଼ାଇବା ଏବଂ ଅନ୍ୟ ପ୍ରମୁଖ ବିକାଶଶୀଳ ଅର୍ଥବ୍ୟବସ୍ଥାଗୁଡ଼ିକୁ ପ୍ରଶାସନିକ କ୍ଷେତ୍ରରେ ଅଧିକ କ୍ଷମତା ଅର୍ପଣ କରିବା ପାଇଁ ପଦକ୍ଷେପ ନେବା ଏହି ବିଚାରର ଉଦ୍ଦେଶ୍ୟ ଥିଲା। ଏହି ବିଚାର ଅନୁରୂପ, ଭାରତ  ବିଶ୍ୱ ପ୍ରଶାସନିକ ଢାଞ୍ଚା, ଅର୍ଥବ୍ୟବସ୍ଥା ଏବଂ ରାଜନୈତିକ ବ୍ୟବସ୍ଥାରେ ସଂସ୍କାର ଆଣିବା ଲାଗି ଜି20 ସମେତ ବିଭିନ୍ନ ବିଶ୍ୱ  ମଞ୍ଚରେ ନିରନ୍ତର ଭାବେ ଦାବି କରି ଆସୁଛି । ବିଭିନ୍ନ ଦୃଷ୍ଟିରୁ, ଜି20 ସବୁଠୁ ଅଧିକ ପ୍ରତିନିଧିତ୍ୱ ଆଧାରିତ ବହୁପକ୍ଷୀୟ ରାଷ୍ଟ୍ରଗୋଷ୍ଠୀ ଭାବେ ତିଷ୍ଠି ରହିଛି ଯେଉଁଥିରେ ବିକଶି ଦେଶ ଏବଂ ବିକାଶଶୀଳ ଅର୍ଥବ୍ୟବସ୍ଥା ଉଭୟ ସାମିଲ ଅଛନ୍ତି ଏବଂ ସେଥିପାଇଁ ଏହା ବହୁପକ୍ଷୀୟ ପ୍ରତିଷ୍ଠାନ ଏବଂ ବ୍ୟାଙ୍କଗୁଡ଼ିକରେ ସଂସ୍କାରକୁ ଆଗକୁ ବଢ଼ାଇବା ଲାଗି ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ ରହିଛି। 2025 ପର୍ଯ୍ୟନ୍ତ ବିକାଶଶୀଳ ଦେଶମାନେ  - 2022ରେ ଇଣ୍ଡୋନେସିଆ, 2023ରେ ଭାରତ, 2024ରେ ବ୍ରାଜିଲ ଏବଂ 2025ରେ ଦକ୍ଷିଣ ଅଫ୍ରିକା- ଜି20 ଅଧ୍ୟକ୍ଷତା ଗ୍ରହଣ କରିବେ । ତେଣୁ ଅନ୍ତର୍ଜାତୀୟ ଆର୍ଥିକ ପ୍ରତିଷ୍ଠାନରେ ଉଲ୍ଲେଖନୀୟ ପରିବର୍ତ୍ତନ ପାଇଁ ପ୍ରୟାସ କରିବା ଓ ହାସଲ କରିବା ଲାଗି ଏହା ଏକ ସୁଯୋଗ ଆଣି ଦେଇଛି । ଅନ୍ତର୍ଜାତୀୟ ପ୍ରଶାସନିକ ସଂସ୍ଥାନରେ ଗ୍ଲୋବାଲ ସାଉଥ୍ ଦେଶ ପାଇଁ ଅଧିକ ମତାମତ ଦେବାର ଅଧିକାରକୁ ପ୍ରୋତ୍ସାହିତ କରିବା ଲାଗି ଭାରତର ଜି20 ଅଧ୍ୟକ୍ଷତା ଏକ ଅଭିନବ ସୁଯୋଗ।

ଏ ଦିଗରେ, ବିଶ୍ୱ ଆର୍ଥିକ ପ୍ରଶାସନରେ ଦୃଢ଼ ସଂସ୍କାର ଆଣିବା ଅତ୍ୟନ୍ତ ଜରୁରି । ବ୍ରେଟନ ଉଡ୍ସ ପ୍ରତିଷ୍ଠାନଗୁଡ଼ିକ ଏକବିଂଶ ଶତାବ୍ଦୀର ଉଦ୍ଦେଶ୍ୟ ପୂରଣ କରିପାରିବେ ନାହିଁ ଏବଂ ନୂଆ ଭୂ-ଆର୍ଥିକ ବାସ୍ତବତାକୁ ପ୍ରତିନିଧିତ୍ୱ କରିପାରିବେ ନାହିଁ ବୋଲି ଏକ ବର୍ଦ୍ଧିତ ସହମତି ସୃଷ୍ଟି ହୋଇଛି। ବହୁପକ୍ଷୀୟ ଆର୍ଥିକ ସଂସ୍ଥାଗୁଡ଼ିକର ବୈଧତା ବଢ଼ାଇବା କେବଳ ବିଶ୍ୱ ହିତରେ ନୁହେଁ ବରଂ ଆଇଏମଏଫ ଏବଂ ବିଶ୍ୱ ବ୍ୟାଙ୍କ ଭଳି ସଂସ୍ଥାର ପ୍ରମୁଖ ଅଂଶୀଦାରମାନଙ୍କ ପାଇଁ ମଧ୍ୟ ଜରୁରି ।




# ସ୍ଥାୟୀ ବିକାଶ ଲକ୍ଷ୍ୟର ତ୍ୱରାନ୍ୱିତ : ବିଶ୍ୱକୁ ରହିବା ଲାଗି ଏକ ଉତ୍ତମ ସ୍ଥାନରେ ପରିଣତ କରିବା

ମିଳିତ ଜାତିସଂଘ ଦୀର୍ଘସ୍ଥାୟୀ ବିକାଶ ଏଜେଣ୍ଡା 2030କୁ ହାସଲ କରିବା ଲାଗି ସମୟ ଉପନୀତ ହୋଇଥିବା ଦୃଷ୍ଟିରୁ ଏସଡିଜିଗୁଡ଼ିକୁ ତ୍ୱରାନ୍ୱିତ କରିବା ଅତି ଆବଶ୍ୟକ ହୋଇପଡ଼ିଛି । ଦୁର୍ଭାଗ୍ୟବଶତଃ କୋଭିଡ-19, ୟୁକ୍ରେନ-ରୁଷ ଯୁଦ୍ଧ, ଆର୍ଥିକ ମାନ୍ଦାବସ୍ଥା ଏବଂ ଉଚ୍ଚ ଦରଦାମ ବୃଦ୍ଧି କାରଣରୁ ଏସଡିଜିର ପ୍ରଗତି ଧିମେଇ ଯାଇଛି । ବାଲି ଠାରେ ଅନୁଷ୍ଠିତ ଜି20 ଶିଖର ସମ୍ମିଳନୀ ଅବସରରେ, ମିଳିତ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ୍ ଜଳବାୟୁ ସଂକଟର ମୁକାବିଲା କରିବା, ଦୁର୍ଭିକ୍ଷ ଓ କ୍ଷୁଦ୍ରା ନିରାକରଣ କରିବା, ଉର୍ଜା ରୂପାନ୍ତରଣକୁ ସୁଦୃଢ଼ କରିବା ଏବଂ ଡିଜିଟାଲ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେବା ଲାଗି ଗ୍ଲୋବାଲ ସାଉଥର ସରକାରଙ୍କୁ ସହାୟତା ଯୋଗାଇ ଦେବା ଏବଂ ଏସଡିଜିଟରୁ "ଏକ ଏସଓଏସ"କୁ ସମର୍ଥନ କରିବା ଲାଗି ଜି20 ନେତାମାନଙ୍କୁ ନିବେଦନ କରିଥିଲେ ।

ଏହି ପୃଷ୍ଠଭୂମିରେ, ଭାରତ ନିଜର ଜି20 ଅଧ୍ୟକ୍ଷତା ସମୟରେ ଏସଡିଜିଟରେ ପ୍ରଗତିକୁ ଗତିଶୀଳ କରିବା ଉପରେ ଧ୍ୟାନ କେନ୍ଦ୍ରିତ କରିବ । ଏସଡିଜିରେ ଦାରିଦ୍ର୍ୟ, ଖାଦ୍ୟ ଓ ପୁଷ୍ଟିସାଧନ ସୁରକ୍ଷା, ସ୍ୱାସ୍ଥ୍ୟ, ଶିକ୍ଷା, ମହିଳା ସଶକ୍ତିକରଣ, ରୋଜଗାର ଓ ଜଳବାୟୁ ପରିବର୍ତ୍ତନ ଭଳି ପରସ୍ପର ସହ ଜଡ଼ିତ ପ୍ରସଙ୍ଗ ସାମିଲ ରହିଛି।

ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି) କିମ୍ବା ବିଶ୍ୱ  ଲକ୍ଷ୍ୟରେ 17ଟି ପରସ୍ପର ସହ ଜଡ଼ିତ ଲକ୍ଷ୍ୟ ସାମିଲ ରହିଛି ଯାହାକୁ "ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ମାନବ ଓ ପୃଥିବୀର ଶାନ୍ତି ଓ ସମୃଦ୍ଧି ପାଇଁ ଏକ ସହଭାଗୀ ରାସ୍ତା" ପ୍ରସ୍ତୁତ କରିବା ଲାଗି ଡିଜାଇନ କରାଯାଇଛି । ମିଳିତ ଜାତିସଂଘ ମହାସଭା (ୟୁଏନ-ଜିଏ) ଦ୍ୱାରା 2015ରେ ଏସଡିଜି ପ୍ରତିଷ୍ଠା କରାଯାଇଥିଲା ଏବଂ 2030 ଏଜେଣ୍ଡ ନାମକ ୟୁଏନଜିଏ ସଂକଳ୍ପରେ ଏହାକୁ ସାମିଲ କରାଯାଇଥିଲା। 17ଟି ଏସଡିଜିଗୁଡ଼ିକ ହେଲେ : ଦାରିଦ୍ର୍ୟ ଦୂରୀକରଣ, କ୍ଷୁଧାମୁକ୍ତି, ଉତ୍ତମ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା, ଗୁଣାତ୍ମକ ଶିକ୍ଷା,  ଲିଙ୍ଗଗତ ସମାନତା, ବିଶୁଦ୍ଧ ଜଳ ଏବଂ ପରିମଳ, ସୁଲଭ ଏବଂ ସ୍ୱଚ୍ଛ ଶକ୍ତି, ଉପଯୁକ୍ତ କାର୍ଯ୍ୟ ଏବଂ ଅର୍ଥନୈତିକ ଅଭିବୃଦ୍ଧି, ଶିଳ୍ପ, ନବସୃଜନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ଦୀର୍ଘସ୍ଥାୟୀ ସହର ଓ ସମୁଦାୟ, ଉତ୍ତରଦାୟୀ ଉପଯୋଗ ଓ ଉତ୍ପାଦନ, ଜଳବାୟୁ କାର୍ଯ୍ୟାନୁଷ୍ଠାନ, ଜଳ ଭିତରେ ଜୀବନ, ଭୂମିରେ ଜୀବନ, ଶାନ୍ତି, ନ୍ୟାୟ, ଏବଂ ଦୃଢ଼ ସଂସ୍ଥାନ, ଲକ୍ଷ୍ୟ ହାସଲ ପାଇଁ ସହଭାଗିତା।

ଭାରତର ବିକାଶ ଏଜେଣ୍ଡା ଏବଂ ଭାରତର ଜି20 ଅଧ୍ୟକ୍ଷତାକୁ ରୂପ ଦେଇଥିବା ଲୋକାଚାର "ବସୁଧୈବ କୁଟୁମ୍ବକମ"ର ଆଦର୍ଶ ଉପରେ ଆଧାରିତ ଏକ ଆପୋସ ସଂଯୁକ୍ତ ବିଶ୍ୱ ପାଇଁ ଏସଡିଜିଗୁଡ଼ିକ ଏକ ଅଭିନ୍ନ ଅଙ୍ଗ । ମିଳିତ ଜାତିସଂଘ ଏଜେଣ୍ଡା 2030 ପ୍ରସ୍ତୁତ କରିବାରେ ଭାରତ ଏକ ପ୍ରମୁଖ ଭୂମିକା ନିର୍ବାହ କରିଥିଲା ଏବଂ ଦେଶର ଜାତୀୟ ବିକାଶ ଏଜେଣ୍ଡା ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ଗୁଡ଼ିକରେ ପ୍ରତିଫଳିତ ହୋଇଥାଏ। ଏହି ଭାବନାକୁ ନେଇ, ଏସଡିଜିଗୁଡ଼ିକୁ ହାସଲ କରିବା ଲାଗି ବିଶ୍ୱର ପ୍ରଗତି ମୁଖ୍ୟତଃ ଭାରତର ବିକାଶ ଉପରେ ନିର୍ଭର କରିଥାଏ।

ବିଶେଷ କରି କମ ବିକଶିତ ଦେଶ (ଏଲଡିସି) ଏବଂ ଛୋଟ ଦ୍ୱୀପ ବିକାଶଶୀଳ ରାଷ୍ଟ୍ର (ଏସଆଇଡିଏସ) ପାଇଁ ଏସଡିଜି ନିମନ୍ତେ ପାଣ୍ଠି ଯୋଗାଣ ବଢ଼ାଇବା ଏବଂ ବିବିଧତା ଆଣିବା ଉପରେ ଭାରତ ଅଧିକ ଜୋର ଦେବ । ଏହି ପରିପ୍ରେକ୍ଷୀରେ, ଏସଡିଜି ନିମନ୍ତେ ଅର୍ଥଯୋଗାଣ ନିମନ୍ତେ ବିଶ୍ୱ ବ୍ୟାଙ୍କ, ଆଇଏମଏଫ ଏବଂ ଡବ୍ଲ୍ୟୁଟିଓ ଭଳି ବହୁପକ୍ଷୀୟ ପ୍ରତିଷ୍ଠାନର ପୁନର୍ଗଠନର ଆବଶ୍ୟକତା ଉପରେ ବିକାଶଶୀଳ ଦେଶମାନଙ୍କ ମଧ୍ୟରେ ଏକ ସାର୍ବଜନୀନ ସହମତି ସୃଷ୍ଟି ହେଉଛି। ଭାରତ ଦୀର୍ଘସ୍ଥାୟୀ ଭାବେ ଘରୋଇ କ୍ଷେତ୍ର ପାଇଁ ଆର୍ଥିକ ପ୍ରବାହକୁ ବଢ଼ାବା ସହିତ ଏସଡିଜିକୁ ଗତିଶୀଳ କରିବା ଲାଗି ଏହି କ୍ଷେତ୍ରର ଏକ ବଡ଼ ଭୂମିକା ସମ୍ପର୍କରେ ଯୁକ୍ତି ବାଢ଼ିଥାଏ। ଏସଡିଜିଗୁଡ଼ିକୁ ହାସଲ କରିବା ନିମନ୍ତେ ସମର୍ଥନ ଯୋଗାଇ ଦେବା ନିମନ୍ତେ ଘରୋଇ ନିବେଶ ଯୋଗାଡ଼ କରିବା ସମେତ ଅଭିନବ ଅର୍ଥଯୋଗାଣ ଉତ୍ସ ଓ ଉପକରଣ ଜରିଆରେ ନିମ୍ନ ଓ ମଧ୍ୟମ ଆୟ ବର୍ଗର ଦେଶମାନଙ୍କରେ ଅଧିକ ପରିମାଣରେ ପୁଞ୍ଜି ନିବେଶକୁ ଭାରତ ସମର୍ଥନ କରିଥାଏ।

ଏସଡିଜିଗୁଡ଼ିକୁ ଗତିଶୀଳ କରିବା ଜରୁରି ହୋଇପଡ଼ିଛି । ପ୍ରଧାନମନ୍ତ୍ରୀଙ୍କ ଆର୍ଥିକ ପରାମର୍ଶଦାତା ପରିଷଦର ଏକ ନୂଆ ୱାର୍କିଂ ଦସ୍ତାବିଜ ଅନୁଯାୟୀ, ଭାରତ ଜି20 ଦେଶମାନଙ୍କ ମଧ୍ୟରେ ଅଗ୍ରଣୀ ରହିଛି କାରଣ ଏହା 2015-2019 ସମୟରେ ଦ୍ରୁତ ଗତିରେ ଅଭିବୃଦ୍ଧି ହାସଲ କରିଛି ଏବଂ ନିମ୍ନ ମଧ୍ୟମ ଆୟ ଦେଶମାନଙ୍କ ତୁଳନାରେ ମଧ୍ୟ ବିକାଶ କ୍ଷେତ୍ରରେ ଅଗ୍ରଣୀ ରହିଛି ।

ଭବିଷ୍ୟତକୁ ଦୃଷ୍ଟିରେ ରଖି ନିଜର ଜି20 ଅଧ୍ୟକ୍ଷତା ସମୟରେ ବର୍ଦ୍ଧିତ ଘରୋଇ ଟିକସ ରାଜସ୍ୱରେ ବୃଦ୍ଧି, ଅନ୍ତର୍ଜାତୀୟ ବିକାଶ ଆର୍ଥିକ ପ୍ରତିଷ୍ଠାନ (ଡିଏଫଆଇ) ଠାରୁ ବର୍ଦ୍ଧିତ ସୋଭରେନ (ସରକାରୀ) ଋଣ ସଂଗ୍ରହ; ଏବଂ ଅଧିକ ଋଣଗ୍ରସ୍ତ ଋଣଗ୍ରହିତାଙ୍କ ପାଇଁ ଋଣ ପୁନର୍ଗଠନ ସମେତ ବିଭିନ୍ନ ମାର୍ଗ ଜରିଆରେ ଏସଡିଜିଗୁଡ଼ିକ ପାଇଁ ଅର୍ଥଯୋଗାଣକୁ ବଢ଼ାଇବା ଲାଗି ଭାରତ ବିକଶିତ ଓ ପ୍ରଗତିଶୀଳ ଅର୍ଥବ୍ୟବସ୍ଥା ସହିତ ନିକଟତର ହୋଇ କାର୍ଯ୍ୟ କରିବ । ଦୀର୍ଘସ୍ଥାୟୀ ଅଭିବୃଦ୍ଧିକୁ ସମର୍ଥନ କରିବା ଏବଂ ଏହାକୁ ଦୀର୍ଘସ୍ଥାୟୀ ଓ ସମାବେଶୀ ତଥା ସବୁଜ କରିବା ଲାଗି ସାର୍ବଜନୀନ ନିବେଶକୁ ବଢ଼ାଇବା ଓ ଢାଞ୍ଚାଗତ ସମର୍ଥନକୁ ଗତିଶୀଳ କରିବା, ଘରୋଇ ନିବେଶକୁ ପ୍ରୋତ୍ସାହନ ଦେବା ଏବଂ ବହୁପକ୍ଷୀୟ ବାଣିଜ୍ୟକୁ ସୁଦୃଢ଼ କରିବା ଓ ବିଶ୍ୱ ଯୋଗାଣ ଶୃଙ୍ଖଳକୁ ସହନଶୀଳ କରିବା ପ୍ରତି ଭାରତ ଧ୍ୟାନ ଦେବ ।

ଭାରତ ଜି20 ବୈଠକରେ ଦେଶର କିଛି ଉପଲବ୍ଧିକୁ ପ୍ରଦର୍ଶିତ କରିବ ଏବଂ ଅନ୍ୟ ଦେଶଗୁଡ଼ିକର ଅଭିଜ୍ଞତା ଓ ସର୍ବୋତ୍ତମ ପ୍ରଥାର ବିନିମୟ ଉପରେ ଧ୍ୟାନ କେନ୍ଦ୍ରିତ କରିବ। ଏକ ସମାବେଶୀ ଓ ସମୃଦ୍ଧ ପୃଥିବୀ ନିର୍ମାଣ କରିବା ଏବଂ ଏହାକୁ ରହିବା ଲାଗି ଏକ ଉନ୍ନତ ସ୍ଥାନରେ ପରିଣତ କରିବା ଲାଗି ଏସଡିଜିକୁ ଗତିଶୀଳ କରିବା ଭାରତର ଦୃଷ୍ଟିକୋଣର ଅଂଶବିଶେଷ ଅଟେ।

# ଶବ୍ଦକୋଷ

**ଏସିଟି-ଆକ୍ସେଲରେଟର :** ଆକ୍ସେସ ଟୁ କୋଭିଡ-19 ଟୁଲ୍ସ (ଏସିଟି) ଆକ୍ସେଲରେଟର ହେଉଛି କୋଭିଡ-19 ଯାଞ୍ଚ, ଚିକିତ୍ସା ଏବଂ ଟିକାର ବିକାଶ, ଉତ୍ପାଦନ ଏବଂ ସମାନତାପୂର୍ଣ୍ଣ ଉପଲବ୍ଧତାକୁ ଗତିଶୀଳ କରିବା ଲାଗି ବିଶ୍ୱ ସହଭାଗିତାର ଏକ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚା।

**ଆଡିସ ଆବାବା ଆକ୍ସନ ଏଜେଣ୍ଡା (ଏଏଏଏ) :** ଦୀର୍ଘସ୍ଥାୟୀ ବିକାଶ ପାଇଁ 2030 ଏଜେଣ୍ଡାର କାର୍ଯ୍ୟକାରିତାକୁ ସମର୍ଥନ କରିବା ଲାଗି ଏଏଏଏ ଏକ ଦୃଢ଼ ମୂଳଦୁଆ ପ୍ରତିଷ୍ଠା କରିଥାଏ। ଏହା ମଧ୍ୟ ଆର୍ଥିକ, ସାମାଜିକ ଓ ପରିବେଶ ପ୍ରାଥମିକତା ସହିତ ଏବଂ ସବୁ ଅର୍ଥଯୋଗାଣ ପ୍ରବାହକୁ ଏକତ୍ରିତ କରିବା ଜରିଆରେ ଦୀର୍ଘସ୍ଥାୟୀ ବିକାଶ ନିମନ୍ତେ ଅର୍ଥଯୋଗାଣ କରିବା ଲାଗି ଏକ ବିଶ୍ୱସ୍ତରୀୟ ନୂତନ ବ୍ୟବସ୍ଥା ଯୋଗାଇ ଦେଇଥାଏ।

**କୃଷି ବଜାର ସୂଚନା ପ୍ରଣାଳୀ (ଏଏମଆଇଏସ) :** ଏଗ୍ରୀକଲଚରାଲ ମାର୍କେଟ୍ ଇନଫର୍ମେସନ ସିଷ୍ଟମ (ଏଏମଆଇଏସ) ବା କୃଷି ବଜାର ସୂଚନା ପ୍ରଣାଳୀ ହେଉଛି ଏକ ଆନ୍ତଃ-ଏଜେନ୍ସି ପ୍ଲାଟଫର୍ମ ଯାହାକି ଖାଦ୍ୟ ବଜାରରେ ପାରଦର୍ଶିତା ବଢ଼ାଇବା ଏବଂ ସଙ୍କଟ ସମୟରେ ଅନ୍ତର୍ଜାତୀୟ ନୀତି ସମନ୍ୱୟକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ କାର୍ଯ୍ୟ କରିଥାଏ। ଫ୍ରାନ୍ସର ଜି20 ଅଧ୍ୟକ୍ଷତା ସମୟରେ ଏହାକୁ ପ୍ରତିଷ୍ଠା କରାଯାଇଥିଲା। ଗହମ, ମକା, ଧାନ ଓ ସୋୟାବିନ ଭଳି ଫସଲକୁ ଏହି ଯୋଜନା ଅଧୀନରେ ସାମିଲ କରାଯାଇଥାଏ।

**କୃଷି-ଖାଦ୍ୟ ବିଶ୍ୱ ମୂଲ୍ୟ ଶୃଙ୍ଖଳା :** ସେମାନେ ସାରା ବିଶ୍ୱର ଉପଭୋକ୍ତାମାନଙ୍କ ଲାଗି ଭୋଜନ ଓ ଫାଇବରର ଉତ୍ପାଦନକାରୀମାନଙ୍କୁ ଯୋଡ଼ିଥାନ୍ତି ଏବଂ ଉପଭୋକ୍ତାମାନଙ୍କୁ ଅଧିକ ବିକଳ୍ପ ସହିତ ଭୋଜନର ସ୍ଥିର ଯୋଗାଣ ପ୍ରଦାନ କରିବାରେ ସହାୟତା କରିଥାନ୍ତି ଏବଂ ଏଥିସହିତ ଉତ୍ପାଦନକାରୀଙ୍କ ପାଇଁ ଆୟ ସୃଜନ କରିଥାନ୍ତି।

**ଆଣ୍ଟାର୍କଟିକ ସନ୍ଧି ବ୍ୟବସ୍ଥା :** ଆଣ୍ଟାର୍କଟିକରେ ଥିବା ରାଷ୍ଟ୍ରମାନଙ୍କ ମଧ୍ୟରେ ଥିବା ସମ୍ପର୍କକୁ ନିୟନ୍ତ୍ରଣ କରିବା ଲାଗି ଆଣ୍ଟାର୍କଟିକ ସନ୍ଧି ହେଉଛି ଏକ ଜଟିଳ ବ୍ୟବସ୍ଥା। ୱାଶିଂଟନ ଡି.ସି ଠାରେ ସ୍ୱାକ୍ଷରିତ ହୋଇଥିବା ବ୍ୟବସ୍ଥାର କେନ୍ଦ୍ରରେ ଆଣ୍ଟାର୍କଟିକ୍ ଚୁକ୍ତି ରହିଛି। ଏହା 1 ଡିସେମ୍ବର 1959 ରେ ସ୍ୱାକ୍ଷରିତ ହୋଇଥିଲା ଏବଂ 23 ଜୁନ 1961ରେ କାର୍ଯ୍ୟକାରୀ ହୋଇଥିଲା।

**ଆଣ୍ଟାଲ୍ୟା ଯୁବ ଲକ୍ଷ୍ୟ :** ଆଣ୍ଟାଲ୍ୟା ୟୁଥ୍ ଗୋଲ୍ ବା ଯୁବକଙ୍କ ପାଇଁ ଲକ୍ଷ୍ୟ ସୂଚିତ କରେ 2015 ମସିହାରେ ଜି20 ଦେଶଗୁଡ଼ିକ ଆଣ୍ଟାଲ୍ୟା, ତୁର୍କିରେ ସମ୍ମତ ହୋଇଥିବା ଲକ୍ଷ୍ୟଗୁଡ଼ିକ "2025 ମସିହାରେ ଶ୍ରମ ବଜାରରେ ସ୍ଥାୟୀ ଭାବରେ ପଛରେ ପଡ଼ିବାର ସର୍ବାଧିକ ଆଶଙ୍କା ରହିଥିବା ଦେଶଗୁଡ଼ିକରେ ଯୁବକମାନଙ୍କର ପରିମାଣ ପ୍ରାୟ 15% ହ୍ରାସ କରିବା"।

**ବେସ ଇରୋଜନ ଏଣ୍ଡ ପ୍ରଫିଟ୍ ଶିଫ୍ଟିଂ (ବିଇପିଏସ):** ଟିକସ ପଇଠକୁ ଏଡ଼ାଇବା ଲାଗି ବିଭିନ୍ନ ଅର୍ଥବ୍ୟବସ୍ଥା ମଧ୍ୟରେ ଟିକସ ନିୟମ ଏବଂ ବିନିୟମରେ ରହିଥିବା ବ୍ୟବଧାନ ଓ ଅନ୍ତରାଳର ଲାଭ ଉଠାଇବା ପାଇଁ ବହୁରାଷ୍ଟ୍ରୀୟ ଉଦ୍ୟୋଗ (ଏମଏନଇ)ଗୁଡ଼ିକମାନେ ଆପଣାଉଥିବା ଟିକସ ନିୟୋଜନ ରଣନୀକୁ ବିଇପିଏସ କୁହାଯାଏ।

**ଚକ୍ରାକାର ଅର୍ଥବ୍ୟବସ୍ଥା ବା ସର୍କୁଲାର ଇକୋନେମୀ :** ସର୍କୁଲାର ଇକୋନୋମୀରେ ଏପରି ବଜାର ସାମିଲ ହୋଇଥାନ୍ତି ଯେଉଁମାନେ ଉତ୍ପାଦକୁ ନଷ୍ଟ କରିବା ଏବଂ ନୂଆ ସମ୍ପଦ ଖୋଜିବା ପରିବର୍ତ୍ତେ ତାହାର ପୁନଃବ୍ୟବହାରକୁ ପ୍ରୋତ୍ସାହିତ କରିଥାନ୍ତି। ଏହି ଅର୍ଥବ୍ୟବସ୍ଥାରେ, ପୋଷାକ, ସ୍କ୍ରାପ ଧାତୁ ଏବଂ ଅଚଳ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ଭଳି ସବୁପ୍ରକାରର ବର୍ଜ୍ୟବସ୍ତୁ ପୁଣିଥରେ ଅର୍ଥବ୍ୟବସ୍ଥାକୁ ଫେରି ଆସିଥାଏ କିମ୍ବା ଏହାକୁ ଅଧିକ ଦକ୍ଷତାପୂର୍ବକ ଉପଯୋଗ କରାଯାଇଥାଏ।

**କମ୍ପାକ୍ଟ ୱିଦ ଆଫ୍ରିକା (ସିଡବ୍ଲୁଏ) :** ଜର୍ମାନୀର ଜି20 ଅଧ୍ୟକ୍ଷତା ସମୟରେ ଆଫ୍ରିକାରେ ଘରୋଇ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ସିଡବ୍ଲୁଏର ଶୁଭାରମ୍ଭ କରାଯାଇଥିଲା ଯେଉଁଥିରେ ମୌଳିକ ଭିତ୍ତିଭୂମି କ୍ଷେତ୍ର ସାମିଲ ରହିଛି । ମିଶ୍ରିତ, ବ୍ୟବସାୟିକ ଏବଂ ଆର୍ଥିକ ବ୍ୟବସ୍ଥାରେ ଉଲ୍ଲେଖନୀୟ ସୁଧାର ଜରିଆରେ ଆଫ୍ରିକୀୟ ଅର୍ଥବ୍ୟବସ୍ଥାଗୁଡ଼ିକରେ ଘରୋଇ ନିବେଶ ପାଇଁ ଆକର୍ଷଣ ବୃଦ୍ଧି କରିବା ସିଡବ୍ଲୁଏର ପ୍ରମୁଖ ଉଦ୍ଦେଶ୍ୟ।

**କୋଭାକ୍ସ :** କୋଭାକ୍ସ ହେଉଛି ଏସିଟି-ଆକ୍ସେଲରେଟର ଅଧୀନ ଏକ ଟିକା ଭାବେ ଭାକ୍ସିନ ସ୍ତମ୍ଭ। କୋଭାକ୍ସର ଉଦ୍ଦେଶ୍ୟ ହେଉଛି କୋଭିଡ-19 ଟିକାର ବିକାଶ ଓ ଉତ୍ପାଦନକୁ ଗତିଶୀଳ କରିବା ଏବଂ ବିଶ୍ୱର ପ୍ରତ୍ୟେକ ଦେଶରେ ଏହାର ନିରପେକ୍ଷ ଏବଂ ସମାନତାପୂର୍ଣ୍ଣ ବିତରଣ ପାଇଁ ଗ୍ୟାରେଣ୍ଟି ଦେବା।

**ଜଳବାୟୁ ପାଣ୍ଠି ଯୋଗାଣ :** ଜଳବାୟୁ ପରିବର୍ତ୍ତନର ପ୍ରଭାବ ହ୍ରାସ ଏବଂ ଅନୁକୂଳନ କାର୍ଯ୍ୟକୁ ସମର୍ଥନ କରିବାକୁ ସରକାରୀ, ଘରୋଇ କିମ୍ବା ବିକଳ୍ପ ଉତ୍ସରୁ ସ୍ଥାନୀୟ, ଜାତୀୟ କିମ୍ବା ଅନ୍ତର୍ଜାତୀୟ ପାଣ୍ଠି ବିତରଣ ବ୍ୟବସ୍ଥାକୁ ଜଳବାୟୁ ପାଣ୍ଠି ଯୋଗାଣ କୁହାଯାଏ। ବିକାଶୀଳ ଦେଶମାନଙ୍କୁ ନିର୍ଗମନ ରୋକିବା ଏବଂ ଜଳବାୟୁ ପରିବର୍ତ୍ତନର ମୁକାବିଲା କରିବାରେ ସହାୟତା କରିବା ନିମନ୍ତେ ବାର୍ଷିକ 100 ବିଲିୟନ ଆମେରିକୀୟ ଡଲାର ଅର୍ଥରାଶି ଯୋଗାଡ଼ କରିବା ନିମନ୍ତେ ବିକଶିତ ଦେଶମାନେ ସହମତ ହୋଇଥିଲେ।

**କର୍ପୋରେଟ ପ୍ରଶାସନ :** ଏହା ନୀତି ନିର୍ମାତାମାନଙ୍କୁ ଆର୍ଥିକ ଦକ୍ଷତା, ଦୀର୍ଘସ୍ଥାୟୀ ବିକାଶ ଓ ଆର୍ଥିକ ସ୍ଥିରତାକୁ ସମର୍ଥନ କରିବା ଦୃଷ୍ଟିରୁ କର୍ପୋରେଟ୍ ପ୍ରଶାସନ ଲାଗି ଆଇନଗତ, ନିୟାମକ ଓ ସଂସ୍ଥାଗତ ଢାଞ୍ଚାର ମୂଲ୍ୟାଙ୍କନ କରିବା ଓ ଏଥିରେ ସୁଧାର କରିବାରେ ସହାୟକ ହୋଇଥାଏ।

**ଦୁର୍ନୀତି ନିରାକରଣ କ୍ଷେତ୍ରରେ ଭଲ ପ୍ରଥାର ସଂଗ୍ରହ :** ଏହା ଦୁର୍ନୀତି ଉପରେ ଉନ୍ନତ ଗୁଣବତ୍ତା ଆଧାରିତ (ବୈଧ, ଭରସାଯୋଗ୍ୟ, କାର୍ଯ୍ୟାନୁଷ୍ଠାନ ଯୋଗ୍ୟ ଆଦି) ତଥ୍ୟ ହାସଲ କରିବା, ଦୁର୍ନୀତି ବିପଦର ମାପନ ସ୍ତର ଏବଂ ଦୁର୍ନୀତି ନିରୋଧୀ ନୀତିର ପ୍ରଭାବ ଜାଣିବା ପାଇଁ ଦୁର୍ନୀତିକୁ ମାପିବାରେ ରାଷ୍ଟ୍ରୀୟ ଅଭିଜ୍ଞତା ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ।

**କାର୍ବନ କ୍ୟାପଚର୍ ୟୁଟିଲାଇଜେସନ ଏଣ୍ଡ ଷ୍ଟୋରେଜ (ସିସିୟୁଏସ) :** ସିସିୟୁଏସ ପ୍ରଯୁକ୍ତିଗୁଡ଼ିକର ଏକ ସମାହାରକୁ ବୁଝାଇଥାଏ ଯାହାକି ବିଶ୍ୱ ଶକ୍ତି ଏବଂ ଜଳବାୟୁ ଲକ୍ଷ୍ୟ ହାସଲ କରିବା ଲାଗି ଏକ ବିବିଧ ଭୂମିକା ନିର୍ବାହ କରିପାରିବ । ଏହା ହେଉଛି ଅଙ୍ଗାରକାମ୍ଳ ନିର୍ଗମନକୁ ଧରି ରଖିବା ଏବଂ ଏହାକୁ ନିର୍ମାଣ ସାମଗ୍ରୀ ତିଆରି (ଉପଯୋଗ) ଭଳି କାର୍ଯ୍ୟରେ ଲଗାଇବା କିମ୍ବା ମାଟି ଭିତରେ ହଜାର ହଜାର ଫୁଟ ତଳେ ସ୍ଥାୟୀ ଭାବେ ସେଗୁଡ଼ିକୁ ସଂରକ୍ଷିତ ରଖିବା (ସଂରକ୍ଷଣ)ର ଏକ ପ୍ରକ୍ରିୟା।

**କମନ ରିପୋର୍ଟିଂ ଷ୍ଟାଣ୍ଡାର୍ଡ (ସିଆରଏସ) :** ଟିକସ ଫାଙ୍କିକୁ ଏଡ଼ାଇବା ଲାଗି ସହଯୋଗୀ ରାଷ୍ଟ୍ରମାନଙ୍କ ମଧ୍ୟରେ ସ୍ୱୟଂଚାଳିତ ସୂଚନା ବିନିମୟ ପାଇଁ 2014ରେ ଓଇସିଡି ଦ୍ୱାରା ସିଆରଏସ ଷ୍ଟାଣ୍ଡାର୍ଡ ବିକଶିତ କରାଯାଇଥିଲା। ସିଆରଏସକୁ ଗ୍ରହଣ କରିଥିବା ଏବଂ ଏହାକୁ ନିଜ ଆଇନରେ କାର୍ଯ୍ୟକାରୀ କରିଥିବା ପ୍ରତ୍ୟେକ ଦେଶ ପାଇଁ ଏହା ଲାଗୁ ହୋଇଥାଏ।

**ଡେଟା ଗ୍ୟାପ୍ସ ଇନିସିଏଟିଭ (ଡିଜିଆଇ) :** ଡେଟା ଶୂନ୍ୟସ୍ଥାନକୁ ଚିହ୍ନଟ କରିବା ଏବଂ ଡେଟା ସଂଗ୍ରହକୁ ମଜବୁତ କରିବା ଲାଗି ଜି20ର ଅନୁରୋଧକୁ ଦୃଷ୍ଟିରେ ରଖି ଡେଟା ଗ୍ୟାପ୍ସ ଇନିସିଏଟିଭ (ଡିଜିଆଇ) କୁ ଦୁଇଟି ପର୍ଯ୍ୟାୟରେ 2009ରେ ଆରମ୍ଭ କରାଯାଇଥିଲା। ଡେଟା ଗ୍ୟାପ୍ସ ଇନିସିଏଟିଭର ପ୍ରଥମ ପର୍ଯ୍ୟାୟ (ଡିଜିଆଇ-1:2009-15) ବୈଚାରିକ ଢାଞ୍ଚାର ବିକାଶ ସହିତ କେତେକ ପରିସଂଖ୍ୟାନଗତ ସଂଗ୍ରହ ଓ ରିପୋର୍ଟିଂକୁ ବଢ଼ାଇବା ଉପରେ ଧ୍ୟାନ କେନ୍ଦ୍ରିତ କରିଥିଲା। ଡିଜିଆଇ-2 (2015-21)ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ନୀତିଗତ ବ୍ୟବହାର ପାଇଁ ନିୟମିତ ସଂଗ୍ରହକୁ କାର୍ଯ୍ୟକାରୀ କରିବା ଏବଂ ଭରସାଯୋଗ୍ୟ ଓ ସମୟବଦ୍ଧ ପରିସଂଖ୍ୟାନର ବିତରଣ କରିବା।

**ଋଣ ସେବା ବାତିଲ ପ୍ରୟାସ ବା ଡେଟ୍ ସର୍ଭିସ ସସ୍ପେନସନ ଇନିସିଏଟିଭ (ଡିଏସଏସଆଇ) :** 2020ରେ ଜି20 ଦ୍ୱାରା ଆରମ୍ଭ କରାଯାଇଥିବା ଡିଏସଏସଆଇ ବିଶ୍ୱର ସବୁଠୁ ଗରିବ ଦେଶକୁ ସେମାନଙ୍କର ଋଣ ସେବାକୁ ସୀମିତ ସମୟ ପାଇଁ ବାତିଲ କରିବାକୁ ପ୍ରସ୍ତାବ ଦେଇଥିଲା ଏବଂ ସେମାନଙ୍କୁ ମହାମାରୀ ଓ ଏହାର ପରିଣାମର ମୁକାବିଲା କରିବା ନିମନ୍ତେ ଆର୍ଥିକ ସୁବିଧା ଯୋଗାଇ ଦେଇଥିଲା।

**ବିପର୍ଯ୍ୟୟ ସହନଶୀଳତା :** ଏହା ବ୍ୟକ୍ତିବିଶେଷ, ସମୁଦାୟ, ସଂଗଠନ ଏବଂ ରାଜ୍ୟମାନଙ୍କର ବିକାଶର ଦୀର୍ଘକାଳୀନ ସମ୍ଭାବନା ସହିତ ବୁଝାମଣା ନକରି ବିପଦ, ଆଘାତ କିମ୍ବା ଚାପର ମୁକାବିଲା କରିବାକୁ ସକ୍ଷମ ହେବା ଏବଂ ସେଥିରୁ ମୁକ୍ତି ପାଇବାର କ୍ଷମତା ଅଟେ।

**ବିପର୍ଯ୍ୟୟ ସହନଶୀଳ ଭିତ୍ତିଭୂମି :** ଏଥିରେ ଗୁରୁତ୍ୱପୂର୍ଣ୍ଣ ଅଟ୍ଟାଳିକା, ସର୍ବସାଧାରଣ ଗୋଷ୍ଠୀ ଆଧାରିତ ସୁବିଧା, ପରିବହନ ବ୍ୟବସ୍ଥା, ଦୂରସଞ୍ଚାର ଏବଂ ବିଦ୍ୟୁତ ବ୍ୟବସ୍ଥା ସାମିଲ ରହିଛି ଯାହାକୁ କି ବନ୍ୟା, ଭୂମିକମ୍ପ କିମ୍ବା ଜଙ୍ଗଲ ନିଆଁ ଭଳି କୌଣସି ପ୍ରାକୃତିକ ବିପର୍ଯ୍ୟୟର ପ୍ରଭାବକୁ ସହ୍ୟ କରିବା ଲାଗି ରଣନୈତିକ ଭାବେ ଡିଜାଇନ କରାଯାଇଛି।

**ସଶକ୍ତିକରଣ ମେଣ୍ଟ :** ଏମ୍ପାୱାର ଆଲିଆନ୍ସ ବା ସଶକ୍ତିକରଣ ମେଣ୍ଟ ହେଉଛି ଏକ ଘରୋଇ କ୍ଷେତ୍ର ପରିଚାଳିତ ସଂଗଠନ ଯାହାକି ଘରୋଇ ଓ ସରକାରୀ କ୍ଷେତ୍ରର ସହଯୋଗ ବୃଦ୍ଧି ଜରିଆରେ ମହିଳାମାନଙ୍କୁ ଅଧିକ ସୁଯୋଗ

ଦେବାର ଲକ୍ଷ୍ୟ ନେଇ କାର୍ଯ୍ୟ କରିଥାଏ। ଆର୍ଥିକ କାର୍ଯ୍ୟକଳାପରେ ମହିଳାମାନଙ୍କର ଅଂଶଗ୍ରହଣରେ ବାଧା ସୃଷ୍ଟି କରୁଥିବା କାରକଗୁଡ଼ିକୁ ଅପସାରଣ କରିବା ଦିଗରେ ଏହା ଉଦ୍ୟମ କରିଥାଏ।

**ଫାଇନାନ୍ସିଆଲ ଆକ୍ସନ ଟାସ୍କ ଫୋର୍ସ (ଏଫଏଟିଏଫ) :** ଏଫଏଟିଏଫ ହେଉଛି ଏକ ଆନ୍ତଃସରକାରୀ ସଂସ୍ଥା ଯାହାକି ବିଶ୍ୱସ୍ତରରେ ବେଆଇନ ଅର୍ଥକାରବାର ଏବଂ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ଉପରେ ନଜର ରଖିଥାଏ। ବେଆଇନ ଅର୍ଥକାରବାର ଏବଂ ଆତଙ୍କବାଦୀଙ୍କୁ ପାଣ୍ଠିଯୋଗାଣ କାର୍ଯ୍ୟର ନିରାକରଣ କରିବାର ଲକ୍ଷ୍ୟ ନେଇ ଏକ ଅନ୍ତର୍ଜାତୀୟ ମାନକ ପ୍ରତିଷ୍ଠା ନିମନ୍ତେ ଏହା କାର୍ଯ୍ୟ କରିଥାଏ।

**ଆର୍ଥିକ ସ୍ଥିରତା ବୋର୍ଡ (ଏଫଏସବି) :** ଫାଇନାନ୍ସିଆଲ ଷ୍ଟେବିଲିଟୀ ବୋର୍ଡ (ଏଫଏସବି) ହେଉଛି ଏକ ଅନ୍ତର୍ଜାତୀୟ ସଂସ୍ଥା ଯାହାକି ବିଶ୍ୱ ଆର୍ଥିକ ବ୍ୟବସ୍ଥା ସମ୍ପର୍କରେ ଅନୁଧ୍ୟାନ କରିବା ସହିତ ଆବଶ୍ୟକ ସୁପାରିସ କରିଥାଏ। ଅନ୍ତର୍ଜାତୀୟ ଆର୍ଥିକ ସ୍ଥିରତାକୁ ପ୍ରୋତ୍ସାହନ ଦେବା ଏଫଏସବିର ପ୍ରମୁଖ ଲକ୍ଷ୍ୟ ମଧ୍ୟରୁ ଅନ୍ୟତମ।

**ଖାଦ୍ୟ ମେଣ୍ଟ :** ଖାଦ୍ୟ ମେଣ୍ଟ ହେଉଛି ଏକ ବହୁମୁଖୀ ଅଂଶୀଦାର ପ୍ଲାଟଫର୍ମ। ଏହାର ଉଦ୍ଦେଶ୍ୟ ହେଉଛି କୃଷି ଖାଦ୍ୟ ପ୍ରଣାଳୀରେ ପରିବର୍ତ୍ତନ ଦିଗରେ କାର୍ଯ୍ୟ କରିବା ଏବଂ ପରିବର୍ତ୍ତନକୁ ଗତିଶୀଳ କରିବା ତଥା ବଞ୍ଚିତ ଦେଶମାନଙ୍କ ପାଇଁ ମେଣ୍ଟ ଓ ସାମୂହିକ ସମର୍ଥନ ସୃଷ୍ଟି କରିବା । ଏହା ବର୍ଦ୍ଧିତ ଖାଦ୍ୟ ସଙ୍କଟ, ଜଳବାୟୁ ବିପଦ ଗମ୍ଭୀର ହେବା ଏବଂ ବିଶ୍ୱ ଖାଦ୍ୟ ଓ କୃଷି କ୍ଷେତ୍ରରେ ଅସ୍ଥିରତା ଆଦି ବିଶ୍ୱସ୍ତରୀୟ ସମସ୍ୟାର ମୁକାବିଲା କ୍ଷେତ୍ରରେ ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରିଥାଏ।

**କାର୍ଯ୍ୟର ଭବିଷ୍ୟତ :** ପ୍ରଯୁକ୍ତିଭିତ୍ତିକ, ପିଢ଼ିଗତ ଏବଂ ସାମାଜିକ ପରିବର୍ତ୍ତନ ଦ୍ୱାରା ପ୍ରଭାବିତ ହୋଇ ଆସନ୍ତା ଦଶନ୍ଧିରେ କାମ କରିବାର ପଦ୍ଧତିରେ କିଭଳି ପରିବର୍ତ୍ତନ ଆସିବ ସେ ସମ୍ପର୍କରେ 'କାର୍ଯ୍ୟର ଭବିଷ୍ୟତ' ବର୍ଣ୍ଣନା କରିଥାଏ।

**ଜି20 ନବସୃଜନ ଲିଗ :** 2021ରେ ଇଟାଲୀର ଜି20 ଅଧ୍ୟକ୍ଷତା ସମୟରେ ଜି20 ନବସୃଜନ ଲିଗ୍ ଆରମ୍ଭ ହୋଇଥିଲା। ଏହାର ଉଦ୍ଦେଶ୍ୟ ହେଉଛି ନବସୃଜନ ଓ ପ୍ରଯୁକ୍ତି କ୍ଷେତ୍ରରେ ଅନ୍ତର୍ଜାତୀୟ ନିବେଶକୁ ଉପଯୋଗ କରିବା ଏବଂ ବିଶ୍ୱର ସବୁଠୁ ଗମ୍ଭୀର ସମସ୍ୟା ସମାଧାନ କରିବା ଲାଗି ସରକାରୀ ଓ ଘରୋଇ ସହଭାଗିତାର ଲାଭ ଉଠାଇବା ଦିଗରେ କାର୍ଯ୍ୟ କରିବା।

**ଜି20 ଜଳ ପ୍ଲାଟଫର୍ମ :** 2021ରେ ଆରମ୍ଭ ହୋଇଥିବା ଏବଂ ସାଉଦୀ ଆରବ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଜି20 ଜଳ ପ୍ଲାଟଫର୍ମ ହେଉଛି ଏହି ଡିଜିଟାଲ ଉପକରଣ ଯାହାକି ସାରା ବିଶ୍ୱରେ ଦୀର୍ଘସ୍ଥାୟୀ ଜଳ ପରିଚାଳନା ଉପରେ ଅଭିଜ୍ଞତା ବିନିମୟ କରିଥାଏ।

**ବିଶ୍ୱ ଭିତ୍ତିଭୂମି କେନ୍ଦ୍ର (ଜିଆଇ ହବ୍) :** 2014 ଜି20 ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଜିଆଇ ହବ୍ ହେଉଛି ଅଣଲାଭଜନକ ସଂଗଠନ ଯାହାକି କାର୍ଯ୍ୟାନୁଷ୍ଠାନ ଆଧାରିତ କାର୍ଯ୍ୟକ୍ରମ ଜରିଆରେ ଦୀର୍ଘସ୍ଥାୟୀ, ସହନଶୀଳ ଏବଂ ସମାବେଶୀ ଭିତ୍ତିଭୂମି ବିତରଣକୁ ଆଗେଇ ନେଇଥାଏ। ଏହା ସରକାରୀ ଓ ଘରୋଇ କ୍ଷେତ୍ର ସହ ସହଭାଗିତା ପ୍ରତିଷ୍ଠା କରିବା ସହିତ ଏକ ଜ୍ଞାନ ବିନିମୟ କେନ୍ଦ୍ର ଭାବେ କାର୍ଯ୍ୟ କରିଥାଏ।

**ଆର୍ଥିକ ଅନ୍ତର୍ଭୁକ୍ତିକରଣ ପାଇଁ ବିଶ୍ୱ ସହଭାଗିତା (ଜିପିଏଫଆଇ) :** ଦକ୍ଷିଣ କୋରିଆର ସିଓଲ ଠାରେ 10 ଡିସେମ୍ବର 2010ରେ ବିଧିବଦ୍ଧ ଭାବେ ଆରମ୍ଭ କରାଯାଇଥିବା ଜିପିଏଫଆଇ ହେଉଛି ଜି20 ଓ ଅଣ-ଜି20 ରାଷ୍ଟ୍ର ସମେତ ଅନ୍ୟ ଅଂଶୀଦାରମାନଙ୍କ ପାଇଁ ଏକ ସମାବେଶୀ ମଞ୍ଚ ଯାହାକି ମିଳିତ ଅଧ୍ୟୟନ, ଜ୍ଞାନ ବିନିମୟ, ନୀତିଗତ ପ୍ରଚାର ଏବଂ ସମନ୍ୱୟ ମାଧ୍ୟମରେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ପ୍ରସଙ୍ଗ ଉପରେ କାର୍ଯ୍ୟ କରିଥାଏ।

**ଗ୍ଲୋବାଲ ପବ୍ଲିକ୍ ଗୁଡ୍ସ (ଜିପିଜି) :** ବିଶ୍ୱ ଜନ ସାମଗ୍ରୀ ବା ଜିପିଜିଗୁଡ଼ିକ ହେଉଛି ଏପରି ବସ୍ତୁ କିମ୍ବା ସେବା ଯାହାର ଲାଭ ବିଶ୍ୱର ସବୁ ନାଗରିକମାନଙ୍କୁ ପ୍ରଭାବିତ କରିଥାଏ। ଆମର ପ୍ରାକୃତିକ ପରିବେଶ, ଇତିହାସ ଏବଂ ସଂସ୍କୃତି, ଏବଂ ବୈଷୟିକ ପ୍ରଗତି ଠାରୁ ଆରମ୍ଭ କରି ମେଟ୍ରିକ୍ ସିଷ୍ଟମ୍ ପରି ଦୈନନ୍ଦିନ ଉପଯୋଗୀ ପ୍ରଣାଳୀ ପର୍ଯ୍ୟନ୍ତ - ସେମାନେ ଆମ ଜୀବନର ବିଭିନ୍ନ ଦିଗକୁ ପ୍ରଭାବିତ କରନ୍ତି ।

**ଗ୍ଲୋବାଲ ଫୋରମ ଅନ୍ ଷ୍ଟିଲ୍ ଏକ୍ସେସ କାପାସିଟୀ (ଜିଏଫଏସଇସି) :** ଜିଏଫଏସଇସି ହେଉଛି ଏକ ଅନ୍ତର୍ଜାତୀୟ ମଞ୍ଚ ଯାହାକି ଅତିରିକ୍ତ କ୍ଷମତା ଏବଂ ପରିବର୍ଦ୍ଧିତ ବଜାର ପରିଚାଳନା ଭଳି ଇସ୍ପାତ କ୍ଷେତ୍ରର ବିଭିନ୍ନ ସମସ୍ୟା ଦୂର କରିବା ଲାଗି ସାମୂହିକ ସମାଧାନ ଉପରେ ଆଲୋଚନା ଓ ସନ୍ଧାନ କରିଥାଏ। 2016ରେ ହାଙ୍ଗଝୋଉ ଜି20 ଶିଖର ସମ୍ମିଳନୀ ଠାରେ ଜି20 ନେତାମାନଙ୍କ ଦ୍ୱାରା ଏହି ଗ୍ଲୋବାଲ ଫୋରମକୁ ସୃଷ୍ଟି କରାଯାଇଥିଲା। ଏହି ବିଶ୍ୱସ୍ତରୀୟ ମଞ୍ଚ ହେଉଛି ସବୁ ଜି20 ସଦସ୍ୟ ଏବଂ ଆର୍ଥିକ ସହଯୋଗ ଓ ବିକାଶ ପାଇଁ ଗଠିତ ସଂଗଠନ (ଓଇସିଡି)ର ଆଗ୍ରହୀ ସଦସ୍ୟମାନଙ୍କ ପାଇଁ ଏକ ଖୋଲା ପ୍ଲାଟଫର୍ମ।

**ବିଶ୍ୱ ଆର୍ଥିକ ସୁରକ୍ଷା ଜାଲ ବା ଗ୍ଲୋବାଲ ଫାଇନାନ୍ସିଆଲ ସେଫଟୀ ନେଟ୍ (ଜିଏଫଏସଏନ) :** ଜିଏଫଏସଏନକୁ ବ୍ୟାପକ ଭାବେ ସଂସ୍ଥାଗତ ବ୍ୟବସ୍ଥାଗୁଡ଼ିକର ଏକ ସମାହାର ଭାବେ ପରିଭାଷିତ କରାଯାଇପାରିବ ଯାହାକି ସେସବୁ ଦେଶମାନଙ୍କୁ ଆର୍ଥିକ ସମ୍ବଳ ପ୍ରଦାନ କରିଥାଏ ଯେଉଁମାନଙ୍କର ସମ୍ଭାବ୍ୟ ବିପଦ ମୁକାବିଲା ନିମନ୍ତେ ବୀମାର ଆବଶ୍ୟକତା ରହିଥାଏ କିମ୍ବା ସଙ୍କଟର ସମାଧାନ ନିମନ୍ତେ ଅର୍ଥର ଆବଶ୍ୟକତା ରହିଥାଏ। ଏହି ବ୍ୟବସ୍ଥାର ଉଦ୍ଦେଶ୍ୟ ହେଉଛି କୌଣସି ଦେଶକୁ ସଂକଟରୁ ଉଦ୍ଧାର କରିବା ଲାଗି ସମ୍ପୃକ୍ତ ଦେଶର ନିଜସ୍ୱ ଅର୍ଥବିନିଯୋଗ କ୍ଷମତାକୁ ପୁନରୁଦ୍ଧାର କରିବାରେ ସହାୟତା କରିବା ଏବଂ ଉପଯୁକ୍ତ ସର୍ତ୍ତ ମାଧ୍ୟମରେ ଘରୋଇ ନୀତିଗତ ବିଫଳତାକୁ ସଜାଡ଼ିବା।

**ସବୁଜ ପାଣ୍ଠିଯୋଗାଣ :** ପରିବେଶ ଅନୁକୂଳ ଦୀର୍ଘସ୍ଥାୟୀ କିମ୍ବା ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ପାଇଁ ଅନୁକୂଳ ପ୍ରକଳ୍ପ ନିମନ୍ତେ ନିର୍ଦ୍ଦିଷ୍ଟ ଭାବେ ଅର୍ଥବ୍ୟବସ୍ଥା କରିବାକୁ ସବୁଜ ପାଣ୍ଠି ଯୋଗାଣ କୁହାଯାଏ।

**ସବୁଜ ସୁଧାର :** ଏକ ସବୁଜ ସୁଧାର ଏପରି ନୀତି ଓ ସମାଧାନ ଗୁଡ଼ିକ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ ଯାହାକି ଆଗାମୀ ଭବିଷ୍ୟତରେ ମଣିଷ ଓ ପୃଥିବୀକୁ ଦୀର୍ଘସ୍ଥାୟୀ ଲାଭ ପହଞ୍ଚାଇବ । ଏହା ଆର୍ଥିକ ଅଭିବୃଦ୍ଧି ଏବଂ ନିଯୁକତି ସୃଷ୍ଟିକୁ ପରିଚାଳିତ କରି ଉନ୍ନତ ସୁଧାର କ୍ଷେତ୍ରରେ ରାଷ୍ଟ୍ରମାନଙ୍କୁ ସମର୍ଥ କରିଥାଏ।

**ଇଣ୍ଟର-ଏଜେନ୍ସି ଗ୍ରୁପ୍ ଅନ୍ ଇକୋନୋମିକ ଏଣ୍ଡ ଫାଇନାନ୍ସିଆଲ ଷ୍ଟାଟିଷ୍ଟିକ୍ସ (ଆଇଏଜି) :** 2008ରେ ପ୍ରତିଷ୍ଠାକରାଯାଇଥିବା ଆଇଏଜି ଆର୍ଥିକ କ୍ଷେତ୍ର ସହ ସମ୍ବନ୍ଧୀୟ ପରିସଂଖ୍ୟାନ ଓ ତଥ୍ୟଗତ ଶୂନ୍ୟସ୍ଥାନ ସଂକ୍ରାନ୍ତ ପ୍ରସଙ୍ଗର ଅନୁଧ୍ୟାନ କରିବା ଏବଂ ସମନ୍ୱୟ ପ୍ରତିଷ୍ଠା କରିବା କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ।

ଆଇଏଜିରେ ବ୍ୟାଙ୍କ ଫର ଇଣ୍ଟରନେସନାଲ ସେଟଲମେଣ୍ଟସ (ବିଆଇଏସ), ୟୁରୋପିଆନ୍ ସେଣ୍ଟ୍ରାଲ ବ୍ୟାଙ୍କ (ଇସିବି), ୟୁରୋଷ୍ଟାଟ, ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ), ଦ ଅର୍ଗାନାଇଜେସନ ଫର ଇକୋନୋମିକ କୋ-ଅପରେସନ ଏଣ୍ଡ ଡେଭଲପମେଣ୍ଟ (ଓଇସିଡି), ମିଳିତ ଜାତିସଂଘ, ଏବଂ ବିଶ୍ୱ ବ୍ୟାଙ୍କ ପ୍ରମୁଖ ସାମିଲ ରହିଛନ୍ତି ।

**ଅନ୍ତର୍ଜାତୀୟ ଊର୍ଜା ମଞ୍ଚ (ଆଇଇଏଫ) :** ଆଇଇଏଫ ହେଉଛି 71ଟି ଦେଶର ଊର୍ଜା ମନ୍ତ୍ରୀମାନଙ୍କୁ ନେଇ ଗଠିତ ବିଶ୍ୱର ଅଗ୍ରଣୀ ଅନ୍ତର୍ଜାତୀୟ ସଂଗଠନ। ଏଥିରେ ଉଭୟ ଊର୍ଜା ଉତ୍ପାଦନ ଏବଂ ଉପଯୋଗ କରୁଥିବା ଦେଶମାନେ ସାମିଲ ରହିଛନ୍ତି ଏବଂ ଏହା ଊର୍ଜା ପ୍ରସଙ୍ଗରେ ଆଲୋଚନା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବିଶ୍ୱ ମଞ୍ଚ ।

**ବେଆଇନ, ଅସମର୍ଥିତ ଏବଂ ଅନିୟନ୍ତ୍ରିତ (ଆଇୟୁୟୁ) ମାଛଧରା :** ଏହା ଏକ ବ୍ୟାପକ ପରିଭାଷା ଅଟେ ଯାହାକି ମାଛଧରା ଗତିବିଧିକୁ ଦର୍ଶାଇଥାଏ। ବେଆଇନ, ଅସମର୍ଥିତ ଏବଂ ଅନିୟନ୍ତ୍ରିତ ମାଛଧରା କାର୍ଯ୍ୟକଳାପ ଉଭୟ ଜାତୀୟ ଓ ଅନ୍ତର୍ଜାତୀୟ ମାଛଧରା ନିୟାମକର ଉଲ୍ଲଙ୍ଘନ କରିଥାଏ। ଆଇୟୁୟୁ ହେଉଛି ଏକ ;ବୈଶ୍ୱିକ ସମସ୍ୟା ଯାହାକି ସାମୁଦ୍ରିକ ପରିବେଶ ପରିତନ୍ତ୍ର ଏବଂ ଦୀର୍ଘସ୍ଥାୟୀ ମାଛଧରା ପ୍ରତି ବିପଦ ସୃଷ୍ଟି କରିଥାଏ।

**ଅନ୍ତର୍ଜାତୀୟ ମିଥେନ ନିର୍ଗମନ ଅବଜରଭେଟୋରୀ (ଆଇଏମଇଓ) :** ଆଇଏମଇଓ ହେଉଛି ମିଥେନ ନିର୍ଗମନରେ ପର୍ଯ୍ୟାପ୍ତ ହ୍ରାସକୁ ଉତପ୍ରେରିତ କରିବା ଲାଗି ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନଇପି) ଦ୍ୱାରା ଗଠନ କରାଯାଇଥିବା ଏକ ଡେଟା-ପରିଚାଳିତ ଓ କାର୍ଯ୍ୟ-ଉନ୍ମୁଖୀ ବ୍ୟବସ୍ଥା।

**ଜୈବ ବିବିଧତା ଓ ଇକୋସିଷ୍ଟମ ସର୍ଭିସେସ ଉପରେ ଆନ୍ତଃ ସରକାରୀ ବିଜ୍ଞାନ-ନୀତି ପ୍ଲାଟଫର୍ମ(ଆଇପିବିଇଏସ)** : ଆଇପିବିଇଏସ ବିଶ୍ୱସ୍ତରରେ ଜୈବ ବିବିଧତା ଓ ପରିବେଶ ପରିତନ୍ତ୍ର ସେବା ଏବଂ ସେଗୁଡ଼ିକର ଆନ୍ତଃସମ୍ପର୍କରେ ଉପରେ ଜ୍ଞାନକୁ ନିୟମିତ ଓ ନିର୍ଦ୍ଧାରିତ ସମୟରେ ମୂଲ୍ୟାଙ୍କନ କରିଥାଏ। ଜାପାନର ଜି20 ଅଧ୍ୟକ୍ଷତା ଅଧୀନରେ ଆଇପିବିଇଏସ ଆରମ୍ଭ କରାଯାଇଥିଲା।

**ଜଷ୍ଟ ଟ୍ରାଞ୍ଜିସନ :** ଜଷ୍ଟ ଟ୍ରାଞ୍ଜିସନର ଅର୍ଥ ହେଉଛି ଅର୍ଥବ୍ୟବସ୍ଥାକୁ ଏପରି ଭାବେ ସବୁଜ କରିବା ଯେମିତି ଏହା ସମସ୍ତ ହିତଧାରକଙ୍କ ପାଇଁ ନିରପେକ୍ଷ ଓ ସମାବେଶୀ ହୋଇଥିବ, ସମସ୍ତଙ୍କ ପାଇଁ କାମ କରିବାର ସୁଯୋଗ ସୃଷ୍ଟି କରୁଥିବ ଏବଂ ଏଥିରେ କେହି ଯେପରି ପଛରେ ପଡ଼ିଯିବେ ନାହିଁ ।

**ମନୀ ମାର୍କେଟ ଫଣ୍ଡ :** ଏକ ମୁଦ୍ରା ବଜାର ପାଣ୍ଠି ବା ମନୀ ମାର୍କେଟ ଫଣ୍ଡ ହେଉଛି ଏକପ୍ରକାରର ମ୍ୟୁଚୁଆଲ ଫଣ୍ଡ ଯାହାକି ଅଧିକ ଲିକୁଇଡ୍, ନିଅର-ଟର୍ମ ଇନଷ୍ଟ୍ରୁମେଣ୍ଟରେ ନିବେଶ କରିଥାଏ। ଏହି ଇନଷ୍ଟ୍ରୁମେଣ୍ଟରେ ନଗଦ, ନଗଦ ସମକକ୍ଷ ପ୍ରତିଭୂତି ଏବଂ ଉଚ୍ଚ-କ୍ରେଡିଟ-ରେଟିଂ, ଅଳ୍ପ ଅବଧି ବିଶିଷ୍ଟ ମେଚ୍ୟୁରୀଟି ଥିବା ଋଣ-ଆଧାରିତ ପ୍ରତିଭୂତି ସାମିଲ ରହିଛି ।

**ବହୁପକ୍ଷୀୟ ବିକାଶ ବ୍ୟାଙ୍କ (ଏମଡିବି) :** ଏମଡିବି ହେଉଛି ବିକାଶଶୀଳ ଦେଶରେ ଆର୍ଥିକ ଏବଂ ସାମାଜିକ ବିକାଶକୁ ପ୍ରୋତ୍ସାହନ ଦେବା ଲାଗି ଏକ ଅନ୍ତର୍ଜାତୀୟ ବିତ୍ତୀୟ ପ୍ରତିଷ୍ଠାନ। ସବୁଠୁ ଗୁରୁତ୍ୱପୂର୍ଣ୍ଣ ଏମଡିବିଗୁଡ଼ିକ ହେଲେ ବିଶ୍ୱ ବ୍ୟାଙ୍କ, ଏସୀୟ ବିକାଶ ବ୍ୟାଙ୍କ (ଏଡିବି), ୟୁରୋପିଆନ ବ୍ୟାଙ୍କ ଫର ରିକନଷ୍ଟ୍ରକ୍ସନ ଏଣ୍ଡ

ଡେଭଲପମେଣ୍ଟ (ଇବିଆରଡି), ଇଣ୍ଟର-ଆମେରିକାନ ଡେଭଲପମେଣ୍ଟ ବ୍ୟାଙ୍କ (ଆଇଏଡିବି) ଏବଂ ଆଫ୍ରିକୀୟ ବିକାଶ ବ୍ୟାଙ୍କ (ଏଏଫଡିବି)।

**ଅଣ-ବ୍ୟାଙ୍କିଙ୍ଗ ଆର୍ଥିକ ପ୍ରତିଷ୍ଠାନ (ଏନବିଏଫଆଇ) :** ଏକ ଏନବିଏଫଆଇ ହେଉଛି ଏକ ଆର୍ଥିକ ପ୍ରତିଷ୍ଠାନ ଯାହାଫଳରେ ଏକ ପୂର୍ଣ୍ଣ ବ୍ୟାଙ୍କିଙ୍ଗ ଲାଇସେନ୍ସ ନଥାଏ ଏବଂ ଏହା ଜନସାଧାରଣଙ୍କ ଠାରୁ ଜମା ସଂଗ୍ରହ କରିନଥାଏ। ତେବେ ଏନବିଏଫଆଇଗୁଡ଼ିକ ବିକଳ୍ପ ଆର୍ଥିକ ସେବା ଯଥା ନିବେଶ (ଉଭୟ ସାମଗ୍ରିକ ଓ ବ୍ୟକ୍ତିଗତ), ରିସ୍କ ପୁଲିଂ, ଫାଇନାନ୍ସିଆଲ କନସଲ୍ଟିଂ, ବ୍ରୋକରିଂ, ମନୀ ଟ୍ରାନ୍ସମିଶନ ଏବଂ ଚେକ୍ କ୍ୟାଶିଂ ଭଳି ସୁବିଧା ଯୋଗାଇ ଦେଇଥାନ୍ତି ।

**ଓଇସିଡି ଲାଞ୍ଚ ନିରୋଧୀ ସମ୍ମେଳନ :** ଓଇସିଡି ଲାଞ୍ଚ ନିରୋଧୀ ସମ୍ମିଳନୀକୁ ମଧ୍ୟ ଅନ୍ତର୍ଜାତୀୟ ବ୍ୟବସାୟିକ କାରବାରରେ ବିଦେଶ ଜନସେବା ଅଧିକାରୀମାନଙ୍କ ସହିତ ଲାଞ୍ଚ କାରବାର ନିରାକରଣ ଉପରେ ଆଧାରିତ ସମ୍ମିଳନୀ ବୋଲି କୁହାଯାଏ। ଏହା ଆଇନଗତ ଭାବେ ଉତ୍ତରଦାୟୀ ଏକ ଅନ୍ତର୍ଜାତୀୟ ଦୁର୍ନୀତି ନିରୋଧୀ ବ୍ୟବସ୍ଥା ଯାହାକି ଲାଞ୍ଚ କାରବାରର 'ଯୋଗାଣ ପକ୍ଷ' (ଲାଞ୍ଚ ପ୍ରସ୍ତାବ, ପ୍ରତିଶ୍ରୁତି କିମ୍ବା ଦେଉଥିବା ବ୍ୟକ୍ତିବିଶେଷ ଓ ସଂସ୍ଥା) ପ୍ରତି ଧ୍ୟାନ କେନ୍ଦ୍ରିତ କରିଥାଏ। ସମ୍ମିଳନୀର ପକ୍ଷମାନଙ୍କର ଆଇନ ଅଧୀନରେ ଲାଞ୍ଚ କାରବାରକୁ ଏକ ଦଣ୍ଡନୀୟ ଅପରାଧ ବୋଲି ଗ୍ରହଣ କରାଯାଇଥାଏ।

**ଏକ ସ୍ୱାସ୍ଥ୍ୟ :** 'ଏକ ସ୍ୱାସ୍ଥ୍ୟ' ହେଉଛି ମଣିଷ, ପ୍ରାଣୀ ଓ ପରିବେଶର ସ୍ୱାସ୍ଥ୍ୟକୁ ସନ୍ତୁଳିତ ରଖିବା ଓ ସୁଧାରିବା ପାଇଁ ଏକ ଏକୀକୃତ, ସାମଗ୍ରିକ ଦୃଷ୍ଟିକୋଣ। COVID-19 ମହାମାରୀ ପରି ବିଶ୍ୱ ସ୍ୱାସ୍ଥ୍ୟ ସମସ୍ୟାକୁ ରୋକିବା, ପୂର୍ବାନୁମାନ କରିବା, ଚିହ୍ନଟ କରିବା ଏବଂ ଏଥିପ୍ରତି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବିଶେଷ ଗୁରୁତ୍ୱପୂର୍ଣ୍ଣ।

**ଓସାକା ବ୍ଲୁ ଓସନ ଭିଜନ :** 2019ରେ ଜାପାନର ଜି 20 ଅଧ୍ୟକ୍ଷତା ଅଧୀନରେ ଏହାକୁ ଗ୍ରହଣ କରାଯାଇଥିଲା। ଓସାକା ବ୍ଲୁ ଓସନ ଭିଜନ ହେଉଛି ଜି20 ଦେଶମାନଙ୍କର ଏକ ସ୍ୱେଚ୍ଛାକୃତ ପ୍ରତିବଦ୍ଧତା ଯାହାର ଉଦ୍ଦେଶ୍ୟ ହେଲା : "ବ୍ୟାପକ ଜୀବନ-ଚକ୍ର ଦୃଷ୍ଟିକୋଣ ମାଧ୍ୟମରେ 2050 ସୁଦ୍ଧା ସାମୁଦ୍ରିକ ପ୍ଲାଷ୍ଟିକରୁ ଉତ୍ପନ୍ନ ବର୍ଜ୍ୟବସ୍ତୁରୁ ହେଉଥିବା ଅତିରିକ୍ତ ପ୍ରଦୂଷଣକୁ ଶୂନ୍ୟ ପର୍ଯ୍ୟନ୍ତ ହ୍ରାସ କରିବା।"

**ପ୍ୟାରିସ ରାଜିନାମା :** ପ୍ୟାରିସ୍ ଚୁକ୍ତି ହେଉଛି ଜଳବାୟୁ ପରିବର୍ତ୍ତନ ଉପରେ ଏକ ଆଇନଗତ ବାଧ୍ୟତାମୂଳକ ଅନ୍ତର୍ଜାତୀୟ ଚୁକ୍ତି । ଏହି ରାଜିନାମା 12 ଡିସେମ୍ବର 2015 ରେ ଗ୍ରହଣ କରାଯାଇଥିଲା ଏବଂ 4 ନଭେମ୍ବର 2016 ରେ ଲାଗୁ ହୋଇଥିଲା। ଏହି ରାଜିନାମାର ଉଦ୍ଦେଶ୍ୟ ହେଉଛି ଗ୍ଲୋବାଲ୍ ୱାର୍ମିଂ ବା ବିଶ୍ୱ ଉତ୍ତାପନ ସ୍ତରକୁ 2 ଡିଗ୍ରୀ ସେଲସିୟସ ଠାରୁ କମ୍, ଅର୍ଥାତ୍ ପ୍ରାକ୍-ଶିଳ୍ପ ସ୍ତର ତୁଳନାରେ 1.5 ଡିଗ୍ରୀ ସେଲସିୟସକୁ ହ୍ରାସ କରିବା।

**ପ୍ୟାରିସ କ୍ଲବ :** ପ୍ୟାରିସ କ୍ଲବ୍ ହେଉଛି ଆଧିକାରୀକ ଋଣଦାତା ଦେଶମାନଙ୍କର ଏକ ପ୍ରମୁଖ ଆନ୍ତଃ-ସରକାରୀ ସମୂହ। ଏହା ଏକ ଅନୌପଚାରିକ ସଂସ୍ଥା ହୋଇଥିବା ବେଳେ ଋଣଗ୍ରହିତା ଦେଶମାନେ ସମ୍ମୁଖିନ ହେଉଥିବା ଅର୍ଥପଇଠ ସମ୍ବନ୍ଧୀୟ ପ୍ରସଙ୍ଗରେ ବ୍ୟବହାରିକ ସମାଧାନ ଖୋଜିବା ଲାଗି ପ୍ରୟାସ କରିଥାଏ।

**ଦାରିଦ୍ର୍ୟ ଦୂରୀକରଣ ଏବଂ ଅଭିବୃଦ୍ଧି ଟ୍ରଷ୍ଟ (ପିଆରଜିଟି) :** ପିଆରଜିଟି ଜରିଆରେ, ଅଭିବୃଦ୍ଧିକୁ ପ୍ରୋତ୍ସାହନ ଓ ଦାରିଦ୍ର୍ୟ ଦୂରୀକରଣ ପ୍ରତି ଧ୍ୟାନ ଦେଉଥିବା କମ ଆୟବର୍ଗର ଦେଶମାନଙ୍କୁ ଆଇଏମଏଫ ରିହାତି ଦରରେ ଆର୍ଥିକ ସହାୟତା ଯୋଗାଇ ଦେଇଥାଏ।

**ଆଫ୍ରିକାରେ ଭିତ୍ତିଭୂମି ବିକାଶ ପାଇଁ କାର୍ଯ୍ୟକ୍ରମ (ପିଆଇଡିଏ):** ପିଆଇଡିଏର ସାମଗ୍ରିକ ଲକ୍ଷ୍ୟ ହେଉଛି ଏକୀକୃତ କ୍ଷେତ୍ରୀ ଏବଂ ମହାଦେଶୀୟ ଭିତ୍ତିଭୂମି ନେଟୱର୍କ ଓ ସେବା ପର୍ଯ୍ୟନ୍ତ ଉନ୍ନତ ପହଞ୍ଚ ମାଧ୍ୟମରେ ଆଫ୍ରିକାରେ ସାମାଜିକ-ଆର୍ଥିକ ବିକାଶ ଓ ଦାରିଦ୍ର୍ୟ ହ୍ରାସକୁ ପ୍ରୋତ୍ସାହନ ଦେବା। ଆଫ୍ରିକାରେ ଘରୋଇ ନିବେଶକୁ ପ୍ରୋତ୍ସାହନ ଦେବା ଲାଗି ଜର୍ମାନୀର ଜି20 ଅଧ୍ୟକ୍ଷତା ସମୟରେ ପିଆଇଡିଏକୁ ଆରମ୍ଭ କରାଯାଇଥିଲା।

**କ୍ଷେତ୍ରୀୟ ଅର୍ଥଯୋଗାଣ ବ୍ୟବସ୍ଥା (ଆରଏଫଏ) :** ଆରଏଫଏଗୁଡ଼ିକ ହେଉଛି ବ୍ୟବସ୍ଥା ବା ରାଜିନାମା ଯାହା ଜରିଆରେ ଦେଶମାନଙ୍କର ସମୂହ ନିଜ କ୍ଷେତ୍ରରେ ଆର୍ଥିକ ସଙ୍କଟର ସାମ୍ନା କରୁଥିବା ଦେଶମାନଙ୍କୁ ପାରସ୍ପରିକ ଭାବେ ଆର୍ଥିକ ସହାୟତା ଦେବାର ନିମନ୍ତେ ପ୍ରତିଶ୍ରୁତି ଦେଇଥାନ୍ତି।

**ସହନଶୀଳ ଓ ସ୍ଥିରତା ଟ୍ରଷ୍ଟ (ଆରଏସଟି) :** ଆଇଏମଏଫର ଆରଏସଟି, ବାହ୍ୟଚାପ ଜନିତ କ୍ଷତି ସହିବା ଲାଗି ସକ୍ଷମ ଏକ ବ୍ୟବସ୍ଥା କରିବା ତଥା ଦୀର୍ଘସ୍ଥାୟୀ ଅଭିବୃଦ୍ଧି ସୁନିଶ୍ଚିତ କରିବା ଲାଗି କମ ଆୟବର୍ଗ ଓ ଦୁର୍ବଳ ମଧ୍ୟମ ଆୟ ବର୍ଗର ଦେଶମାନଙ୍କୁ ସହାୟତା କରିଥାଏ। ଏହା ଅର୍ଥପଇଠ ସ୍ଥିରତାର ଦୀର୍ଘସ୍ଥାୟୀ ବାଲାନ୍ସ ଦିଗରେ ଯୋଗଦାନ ଦେଇଥାଏ।

**ସ୍ୱେଶଲ ଡ୍ରଇଂ ରାଇଟ୍ସ (ଏସଡିଆର) :** ଏସଡିଆରଗୁଡ଼ିକ ହେଉଛି ଏକ ଅନ୍ତର୍ଜାତୀୟ ରିଜର୍ଭ ସମ୍ପତ୍ତି ଯାହାକୁ ନିଜର ସଦସ୍ୟ ରାଷ୍ଟ୍ରମାନଙ୍କର ସରକାରୀ ଭଣ୍ଡାରକୁ ସହାୟତା କରିବା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ଦ୍ୱାରା ଗଠନ କରାଯାଇଛି । ବିଶ୍ୱର ପାଞ୍ଚଟି ପ୍ରମୁଖ ମୁଦ୍ରା - ଆମେରିକା ଡଲାର, ୟୁରୋ, ୟୁଆନ, ୟେନ ଏବଂ ବ୍ରିଟିଶ ପାଉଣ୍ଡର ଏକ ବାସ୍କେଟକୁ ନେଇ ଏସଡିଆରର ମୂଲ୍ୟ ଆଧାରିତ ହୋଇଥାଏ।

**ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ (ଏସଡିଜି)ଗୁଡ଼ିକ :** 2015ରେ ମିଳିତ ଜାତିସଂଘ ଦ୍ୱାରା ଗ୍ରହଣ କରାଯାଇଥିବା ଏସଡିଜିଗୁଡ଼ିକ ହେଉଛି ବିଶ୍ୱସ୍ତରୀୟ ଲକ୍ଷ୍ୟ ଯାହାକୁ ଦାରିଦ୍ର୍ୟ ଦୂରୀକରଣ, ପୃଥିବୀର ସୁରକ୍ଷା ଏବଂ 2030 ସୁଦ୍ଧା ସବୁ ଲୋକଙ୍କୁ ଶାନ୍ତି ଓ ସମୃଦ୍ଧି ରଖିବା ଲାଗି ଏକ ଜାଗତିକ ଆହ୍ୱାନ ଭାବେ ଗ୍ରହଣ କରାଯାଇଛି । 17ଟି ଏସଡିଜିଗୁଡ଼ିକୁ ଏକୀକୃତ କରାଯାଇଛି ଏବଂ ଏହା ଗ୍ରହଣ କରାଯାଇଛି ଯେ ଗୋଟିଏ କ୍ଷେତ୍ରରେ କାର୍ଯ୍ୟାନୁଷ୍ଠାନ ଅନ୍ୟ କ୍ଷେତ୍ରରେ ପରିଣାମକୁ ପ୍ରଭାବିତ କରିଥାଏ।

**ଦୀର୍ଘସ୍ଥାୟୀ ପାଣ୍ଠିଯୋଗାଣ :** ଦୀର୍ଘସ୍ଥାୟୀ ଅର୍ଥ ହେଉଛି ଏକ ପ୍ରକ୍ରିୟା ଯାହା ନିବେଶ ନିଷ୍ପତ୍ତି ନେବାବେଳେ ପରିବେଶ, ସାମାଜିକ ଏବଂ ପ୍ରଶାସନ (ଇଏସଜି) ବିଚାରକୁ ବିଚାରକୁ ନେଇଥାଏ। ସ୍ଥାୟୀ ଆର୍ଥିକ କାର୍ଯ୍ୟକଳାପ ଏବଂ ପ୍ରକଳ୍ପଗୁଡିକରେ ଏହା ଅଧିକ ଦୀର୍ଘକାଳୀନ ନିବେଶକୁ ଆଗକୁ ବଢ଼ାଇଥାଏ।

**ଖାଦ୍ୟ କ୍ଷତି ଓ ବର୍ଜ୍ୟ ମାପନ ଓ ହ୍ରାସ ଉପରେ ବୈଷୟିକ ପ୍ଲାଟଫର୍ମ (ଟିପିଏଲଏଫଡବ୍ଲୁ) :** ତୁର୍କୀର ଜି20 ଅଧ୍ୟକ୍ଷତା ସମୟରେ ଏହାକୁ ଶୁଭାରମ୍ଭ କରାଯାଇଥିଲା। ଅନ୍ୟ ଆନୁସଙ୍ଗିକ ପ୍ଲାଟଫର୍ମର ଲିଙ୍କ ସହିତ ଖାଦ୍ୟ ସାମଗ୍ରୀ କ୍ଷତି ଓ

ବର୍ଜ୍ୟକୁ ହ୍ରାସ କରିବା ଲାଗି ଏହା ମାପନ, ହ୍ରାସ, ନୀତି, ମେଣ୍ଟ, କାର୍ଯ୍ୟାନୁଷ୍ଠାନ ଏବଂ ଅଭିନବ ପ୍ରଯୁକ୍ତି ଓ ବିଶ୍ୱସ୍ତରରେ ପ୍ରଯୁଜ୍ୟ ଉଦାହରଣ ଉପରେ ସୂଚନା ହାସଲ କରିବାର ଏକ ମାର୍ଗ ଭାବେ ଏହି ପ୍ଲାଟଫର୍ମ କାର୍ଯ୍ୟ କରିଥାଏ।

**ଟୋଟାଲ ଲସ୍ ଆବସର୍ବିଂ କାପାସିଟୀ (ଟିଏଲଏସି) :** କ୍ଷତିକୁ ନିବେଶକମାନଙ୍କ ନିକଟରେ ପହଞ୍ଚାଇବା ଓ ସରକାରୀ ବେଲଆଉଟର ବିପଦକୁ କମ କରିବା ଲାଗି ବିଶ୍ୱ ବ୍ୟବସ୍ଥା ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବ୍ୟାଙ୍କ (ଜି-ସିବ୍)ରେ ଯଥେଷ୍ଟ ଇକ୍ୟୁଟୀ ଏବଂ ବେଲ ଇନ୍ ଋଣ ଉପଲବ୍ଧତା ସୁନିଶ୍ଚିତ କରିବା।

**ୟୁଏନସିଏଲଓଏସ:** ସାମୁଦ୍ରିକ ଆଇନ ଉପରେ ମିଳିତ ଜାତିସଂଘ ସମ୍ମିଳନୀ (ୟୁଏନସିଏଲଓଏସ)କୁ 1982ରେ ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀ ବିଶ୍ୱର ମହାସାଗର ଏବଂ ସମୁଦ୍ରରେ ଆଇନ ଓ ବ୍ୟବସ୍ଥାର ଏକ ବ୍ୟାପକ ଶାସନ ପ୍ରତିଷ୍ଠା କରିଥାଏ ଯାହାକି ମହାସାଗର ଓ ଏହାର ସମ୍ପଦର ସମସ୍ତ ଉପଯୋଗକୁ ନିୟନ୍ତ୍ରିତ କରିବା ଲାଗି ନିୟମକୁ ପ୍ରତିଷ୍ଠା କରିଥାଏ। ଏହା ସାମୁଦ୍ରିକ ଆଇନର ବିଶିଷ୍ଟ କ୍ଷେତ୍ର ଆଗରେ ବିକାଶ ପାଇଁ ଏକ ରୂପରେଖକୁ ମଧ୍ୟ ପ୍ରଦାନ କରିଥାଏ।

**ୟୁଏନ-ହେବିଟାଟ :** ମିଳିତ ଜାତିସଂଘ ମାନବ ଆବାସ କାର୍ଯ୍ୟକ୍ରମ (ୟୁଏନ-ହେବିଟାଟ)ର ଉଦ୍ଦେଶ୍ୟ ହେଉଛି ସାରା ବିଶ୍ୱରେ ସାମାଜିକ ଓ ପରିବେଶ ଦୃଷ୍ଟିରୁ ସ୍ଥାୟୀ ସହର ଓ ନଗରକୁ ପ୍ରୋତ୍ସାହନ ଦେବା। ଜାତିସଂଘ ବ୍ୟବସ୍ଥାରେ ସହରୀକରଣ ଏବଂ ମାନବ ସମାଧାନ ସହ ଜଡିତ ସମସ୍ତ ପ୍ରସଙ୍ଗ ପାଇଁ ଜାତିସଂଘ-ହାବିଟାଟ୍ ହେଉଛି କେନ୍ଦ୍ରୀୟ ବିନ୍ଦୁ।

**ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜ୍ :** ସାର୍ବଜନୀନ ସ୍ୱାସ୍ଥ୍ୟ କଭରେଜର ଅର୍ଥ ହେଉଛି ସ୍ୱାସ୍ଥ୍ୟ ସେବା ଆବଶ୍ୟକ କରୁଥିବା ସବୁ ଲୋକମାନଙ୍କୁ ବିନାକୌଣସି ଆର୍ଥିକ କଠିନତାରେ ଯେତେବେଳେ ଏବଂ ଯେଉଁଠି ଆବଶ୍ୟକ ଚିକିତ୍ସା ସେବା ଉପଲବ୍ଧ ହୋଇପାରିବା। ସ୍ୱାସ୍ଥ୍ୟ ପ୍ରୋତ୍ସାହନ ପ୍ରୋତ୍ସାହନ ଠାରୁ ଆରମ୍ଭ କରି ନିରାକରଣ, ଚିକିତ୍ସା, ପୁନର୍ବାସ ଏବଂ ପାଲିଏଟିଭ କେୟାର ପର୍ଯ୍ୟନ୍ତ ଜରୁରି ସ୍ୱାସ୍ଥ୍ୟ ସେବାର ସମ୍ପୂର୍ଣ୍ଣ ପରିସରକୁ କଭର କରିଥାଏ।

**ୟୁଏନଏସସି ସଂକଳ୍ପ 2347 :** ୟୁଏନଏସସି ସଂକଳ୍ପ 2347 ମୁଖ୍ୟତଃ ଆତଙ୍କବାଦ ବିରୋଧରେ ଲଢ଼େଇ ଓ ଆତଙ୍କବାଦୀ ସମୂହ ଦ୍ୱାରା ସାଂସ୍କୃତିକ ସମ୍ପତ୍ତିକୁ ନଷ୍ଟ କରିବା ଏବଂ ଲୁଟିବା ନିମନ୍ତେ ଜାଣିଶୁଣି କରାଯାଇଥିବା ପ୍ରୟାସ ବିରୋଧରେ ଧ୍ୟାନ କେନ୍ଦ୍ରିତ କରିଥାଏ। ଏହା ସଶସ୍ତ୍ର ସଂଘର୍ଷର ବ୍ୟାପକ ସନ୍ଦର୍ଭରେ ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଲାଗି ବିଶ୍ୱ ସମୁଦାୟର ସାର୍ବଜନୀନ ହିତ ଏବଂ ଦାୟିତ୍ୱ ଉପରେ ଧ୍ୟାନ କେନ୍ଦ୍ରିତ କରିଥାଏ।

**ମହିଳା ଉଦ୍ୟମିତ ପାଣ୍ଠିଯୋଗାଣ ପ୍ରୟାସ (ୱି-ଫାଇ) :** ଅକ୍ଟୋବର 2017ରେ ପ୍ରତିଷ୍ଠା କରାଯାଇଥିବା ୱିଫାଏର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଆର୍ଥିକ ଉତ୍ପାଦ ଓ ସେବାର ଉପଲବ୍ଧତା ବଢ଼ାଇବା, କ୍ଷମତା ନିର୍ମାଣ କରିବା, ନେଟୱର୍କ ସମ୍ପ୍ରସାରଣ କରିବା, ମାର୍ଗଦର୍ଶନ ଯୋଗାଇ ଦେବା ଏବଂ ସ୍ଥାନୀୟ ଓ ବିଶ୍ୱ ବଜାରରେ ରହିଥିବା ସୁଯୋଗ ସହିତ ଯୋଡ଼ିବା ଜରିଆରେ ମହିଳା ଉଦ୍ୟୋଗୀମାନଙ୍କୁ ସମର୍ଥନ କରିବା ।

# ଜି20 ବ୍ୟାପକ ଆର୍ଥିକ ସୂଚକାଙ୍କ

| ସୂଚକାଙ୍କଗୁଡ଼ିକ | ଜି20 (ଆମେରିକୀୟ ଡଲାର ଟ୍ରିଲିୟନ) | | ବିଶ୍ୱରେ ଅଂଶଧନ (%) | | ବିକାଶ (%) (2010 - 2021) |
|---|---|---|---|---|---|
| | 2010 | 2021 | 2010 | 2021 | |
| **ପରିଣାମ/କାର୍ଯ୍ୟକଳାପ** | | | | | |
| ଜିଡିପି | 55.7 | 70.1* | 85.9 | 85.6 | 2.3# |
| ମୂଲ୍ୟ ଯୁକ୍ତ, କୃଷି | 1.9 | 2.6* | 70.2 | 71.0 | 3.1# |
| ମୂଲ୍ୟ ଯୁକ୍ତ, ଶିଳ୍ପ | 14.3 | 18.5* | 82.9 | 83.6 | 2.6# |
| ମୂଲ୍ୟ ଯୁକ୍ତ, ସେବାଗୁଡ଼ିକ | 36.3 | 45.9* | 86.9 | 86.5 | 2.4# |
| ଜନସଂଖ୍ୟା | 4.5 | 4.9 | 64.9 | 62.1 | 0.7 |
| **ବାଣିଜ୍ୟ** | | | | | |
| ବାଣିଜ୍ୟିକ ରପ୍ତାନି | 11.7 | 17.1 | 76.4 | 76.4 | 3.5 |
| ବାଣିଜ୍ୟିକ ରପ୍ତାନି | 14.5 | 17.4 | 78.4 | 76.9 | 1.7 |
| ମୋଟ୍ ବାଣିଜ୍ୟିକ ରପ୍ତାନି | 26.1 | 34.4 | 77.5 | 76.7 | 2.5 |
| ସେବାଗୁଡ଼ିକର ରପ୍ତାନି | 3.2 | 4.9 | 79.6 | 80.7 | 4.0 |
| ସେବାଗୁଡ଼ିକର ରପ୍ତାନି | 3.0 | 4.4 | 77.2 | 78.0 | 3.5 |
| ସେବାଗୁଡ଼ିକର ମୋଟ୍ ବାଣିଜ୍ୟ | 6.2 | 9.3 | 78.4 | 79.4 | 3.8 |
| **ନିବେଶ** | | | | | |
| ଇନୱାର୍ଡ ଏଫଡିଆଇ | 1.0 | 1.1 | 72.7 | 69.8 | 0.8 |
| ଆଉଟୱାର୍ଡ ଏଫଡିଆଇ | 1.1 | 1.5 | 77.0 | 87.6 | 3.1 |
| **ଡିଜିଟାଲ ଅର୍ଥବ୍ୟବସ୍ଥା** | | | | | |
| ଡିଜିଟାଲ ମାଧ୍ୟମରେ ପ୍ରଦାନ କରାଯାଉଥିବା ସେବାର ରପ୍ତାନି | 1.6 | 3.2 | 85.6 | 84.1 | 6.5 |
| ଆଇସିଟି ସେବାଗୁଡ଼ିକର ରପ୍ତାନି | 0.3 | 0.7 | 85.2 | 85.1 | 9.9 |

**ଉତ୍ସ :** ଆଇଏମଏଫ-ଡିଓଟିଏସ, ଆଇଏମଏଫ-ଆଇଏଫଏସ, ୟୁଏନସିଟିଏଡି, ଓଇସିଡି
**ସୂଚନା :** ଅଭିବୃଦ୍ଧି ପାଇଁ, 2010-2021 ଅବଧି ନିମନ୍ତେ ଚକ୍ରବୃଦ୍ଧି ବାର୍ଷିକ ବୃଦ୍ଧି ହାର (ସିଏଜିଆର)ର ହିସାବ କରାଯାଇଛି ।
*2020 ବର୍ଷ ପାଇଁ ଦିଆଯାଇଥିବା ତଥ୍ୟ। #2010-2020 ବର୍ଷ ପାଇଁ ସିଏଜିଆର ହିସାବ କରାଯାଇଛି।

# G20 କାର୍ଯ୍ୟ ଗୋଷ୍ଠୀ
## (ଭାରତର ଅଧ୍ୟକ୍ଷତା)

## ଶେରପା ଟ୍ରାକ

- କୃଷି
- ଦୁର୍ନୀତି-ନିରୋଧି
- ସଂସ୍କୃତି
- ଡିଜିଟାଲ ଅର୍ଥବ୍ୟବସ୍ଥା
- ବିପର୍ଯ୍ୟୟ ବିପଦ ପ୍ରଶମନ ଓ ହ୍ରାସ
- ବିକାଶ
- ଶିକ୍ଷା
- ନିଯୁକ୍ତି
- ପରିବେଶ ଓ ଜଳବାୟୁ ସ୍ଥିରତା
- ଉର୍ଜା ରୂପାନ୍ତରଣ
- ସ୍ୱାସ୍ଥ୍ୟ
- ବାଣିଜ୍ୟ ଓ ନିବେଶ
- ପର୍ଯ୍ୟଟନ

## ଫାଇନାନ୍ସ ଟ୍ରାକ

- ଫ୍ରେମୱାର୍କ କାର୍ଯ୍ୟ ଗୋଷ୍ଠୀ (ଏଫଡବ୍ଲୁଜି)
- ଆନ୍ତର୍ଜାତୀୟ ଆର୍ଥିକ ଢାଞ୍ଚା (ଆଇଏଫଏ)
- ଭିତ୍ତିଭୂମି କାର୍ଯ୍ୟ ଗୋଷ୍ଠୀ (ଆଇଡବ୍ଲୁଜି)
- ଦୀର୍ଘସ୍ଥାୟୀ ଆର୍ଥିକ କାର୍ଯ୍ୟଗୋଷ୍ଠୀ (ଏସଏଫଡବ୍ଲୁଜି)
- ଆର୍ଥିକ ଅନ୍ତର୍ଭୂକ୍ତିକରଣ ନିମନ୍ତେ ବିଶ୍ୱ ସହଭାଗିତା (ଜିପିଏଫଆଇ)
- ମିଳିତ ଅର୍ଥଯୋଗାଣ ଏବଂ ସ୍ୱାସ୍ଥ୍ୟ ଟାସ୍କ ଫୋର୍ସ
- ଅନ୍ତର୍ଜାତୀୟ କରାଧାନ ଏଜେଣ୍ଡା
- ଆର୍ଥିକ କ୍ଷେତ୍ରର ପ୍ରସଙ୍ଗ

# ଜି20 ସମ୍ପର୍କ ଗୋଷ୍ଠୀ
## (ଭାରତର ଅଧ୍ୟକ୍ଷତା)

- ବ୍ୟବସାୟ 20(ବି20)
- ସିଭିଲ 20(ସି20)
- ଶ୍ରମ20(ଏଲ20)
- ସଂସଦ20(ପି20)
- ବିଜ୍ଞାନ20(ଏସ20)
- ସୁପ୍ରିମ ଅଡିଟ ଇନଷ୍ଟିଚ୍ୟୁସନ20(ଏସଏଆଇ20)
- ଷ୍ଟାର୍ଟଅପ୍ 20 (ଏସ20)
- ଥିଙ୍କ 20(ଟି20)
- ସହର20(ୟୁ20)
- ମହିଳା20(ଡବ୍ଲୁ20)
- ଯୁବ 20(ୱାଇ20)

# ଜି20ର ସ୍ଥାୟୀ ଆମନ୍ତ୍ରିତ ଅତିଥି

## ଦେଶ

- ସ୍ପେନ୍

## ଅନ୍ତର୍ଜାତୀୟ ସଂଗଠନ

- ମିଳିତ ଜାତିସଂଘ (ୟୁଏନ)
- ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ)
- ବିଶ୍ୱବ୍ୟାଙ୍କ୍(ଡବ୍ଲୁବି)
- ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚଓ)
- ବିଶ୍ୱ ବାଣିଜ୍ୟ ସଂଗଠନ (ଡବ୍ଲୁଟିଓ)
- ଅନ୍ତର୍ଜାତୀୟ ଶ୍ରମ ସଂଗଠନ (ଆଇଏଲଓ)
- ଆର୍ଥିକ ସ୍ଥିରତା ବୋର୍ଡ (ଏଫଏସବି)
- ଆର୍ଥିକ ସହଯୋଗ ଓ ବିକାଶ ପାଇଁ ସଂଗଠନ (ଓଇସିଡି)
- ଆଫ୍ରିକୀୟ ସଂଘ (ଏୟୁ)
- ଆଫ୍ରିକୀୟ ସଂଘ ବିକାଶ ଏଜେନ୍ସି (ଏୟୁଡିଏ-ଏନଇପିଏଡି)
- ଦକ୍ଷିଣ ପୂର୍ବ ଏସୀୟ ରାଷ୍ଟ୍ର ସଂଗଠନ (ଆସିଆନ)

# ଅତିଥି ରାଷ୍ଟ୍ର ଏବଂ ଅନ୍ତର୍ଜାତୀୟ ସଂଗଠନଗୁଡ଼ିକ (ଭାରତର ଜି20 ଅଧ୍ୟକ୍ଷତା 2023)

## ଦେଶ

- ବାଂଲାଦେଶ
- ଇଜିପ୍ଟ
- ମରିସସ
- ନେଦର୍‌ଲ୍ୟାଣ୍ଡସ
- ନାଇଜେରିଆ
- ଓମାନ
- ସିଙ୍ଗାପୁର
- ୟୁଏଇ

## ଅନ୍ତର୍ଜାତୀୟ ସଂଗଠନ

- ଅନ୍ତର୍ଜାତୀୟ ସୌର ମେଣ୍ଟ (ଆଇଏସଏ)
- ବିପର୍ଯ୍ୟୟ ପ୍ରଶମନ
- ଭିତ୍ତିଭୂମି ପାଇଁ ମେଣ୍ଟ (ସିଡିଆରଆଇ)
- ଏସୀୟ ବିକାଶ ବ୍ୟାଙ୍କ (ଏଡିବି)

# ଜି20 ସଦସ୍ୟ ରାଷ୍ଟ୍ର



ଅଷ୍ଟ୍ରେଲିଆ



ଆର୍ଜେଣ୍ଟିନା



ବ୍ରାଜିଲ୍




କାନାଡ଼ା



ଚୀନ



ଇୟୁ




ଫ୍ରାନ୍ସ



ଜର୍ମାନୀ



ଭାରତ



ଇଣ୍ଡୋନେସିଆ



ଇଟାଲୀ



ଜାପାନ



ମେକ୍ସିକୋ



ରୁଷ



ଦକ୍ଷିଣ ଆଫ୍ରିକା



ସାଉଦି ଆରବ



ଦକ୍ଷିଣ କୋରିଆ



ତୁର୍କୀ



ଆମେରିକା



ବ୍ରିଟେନ



भारत 2023 INDIA

भारत 2023 INDIA

## ଭାରତୀୟ G20 ଅଧ୍ୟକ୍ଷତା : ସୋସିଆଲ୍ ମିଡିଆ କଭରେଜ୍

**https://www.g20.org**

https://twitter.com/g20org

https://www.facebook.com/g20org

https://www.instagram.com/g20org/?hl=en

https://www.youtube.com/channel/UCspVYmJSYUek633_enhLo3w

ଏହି ଦସ୍ତାବିଜ ଏବଂ
ଅତୀତର ଜି20 ଓ ଟି20 ଯୋଗାଯୋଗ ଦସ୍ତାବିଜ
ପାଇଁ **https://bit.ly/3UiAa9s** ରେ କ୍ଲିକ
କରନ୍ତୁ କିମ୍ବା କ୍ୟୁଆର କୋଡ୍ ସ୍କାନ କରନ୍ତୁ

ଫଟୋ କ୍ରେଡିଟ : pixabay.com